ବର୍ଷ-୨୫, ସଂଖ୍ୟା-୧୬୯
ଭୁବନେଶ୍ୱର
୨୩, ଜୁନ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 169
Bhubaneswar
23, June, 2025 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ସିରିଏଲ୍ ଯୋଡ଼ିଙ୍କର ହେଲା ବ୍ରେକଅପ୍



ବ୍ରହ୍ମଗିରିରେ ଶ୍ରୀ ଅଲାରନାଥଙ୍କ ଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଅଘଟଣ ଶୂନ୍ୟ ରଥଯାତ୍ରା ଲକ୍ଷ୍ୟ

ପୁରୀ,୨୨।୬(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପୁରୀ ପୌରସଂସ୍ଥାର ଟାଉନ ହଲଠାରେ ରଥଯାତ୍ରା ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି କହିଛନ୍ତି ଯେ, ରଥଯାତ୍ରାର ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି। ବୈଠକରେ ମୁଖ୍ୟମନ୍ତ୍ରୀ ରଥଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ଅଘଟଣ-ମୁକ୍ତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ରଥଯାତ୍ରାକୁ ଅଘଟଣ-ଶୂନ୍ୟ କରିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଦେଇଥିଲେ । ଭକ୍ତ ମାନେ ଯେପରି ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ, ସୁବିଧାରେ ରଥଯାତ୍ରାରେ ଯୋଗଦେବେ ଏବଂ ଏକ ଦିବ୍ୟ, ଆଧ୍ୟାତ୍ମିକ ଅନୁଭବ ନେଇ ଫେରିବେ, ସେଥିପାଇଁ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଦେଇଥିଲେ । ପୋଲିସ ନିୟୋଜନ, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟଗୁଡ଼ିକୁ ସଠିକ ଭାବେ ପରିଚାଳନା କରି ଶ୍ରଦ୍ଧାଳୁ ମାନେ ଯେପରି ଶୃଙ୍ଖଳିତ ଭାବେ ରଥଯାତ୍ରାରେ ଭାଗନେଇ ପାରିବେ ସେଥିପ୍ରତି ଧ୍ୟାନଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ବିଭିନ୍ନ ଜିଲ୍ଲାରେ ଡାଇରିଆ ପରିସ୍ଥିତି ଥିବା ଯୋଗୁ ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ସମସ୍ତ ସମ୍ପୃକ୍ତ ବିଭାଗ ରଥଯାତ୍ରା ପୂର୍ବରୁ ସୁନାବେଶ ପର୍ଯ୍ୟନ୍ତ ଏହା ଉପରେ ସମ୍ପୂର୍ଣ୍ଣ ନଜର ରଖିବା ଆବଶ୍ୟକ। କୌଣସି ସ୍ଥାନରେ ଯେପରି ଅସ୍ୱାସ୍ଥ୍ୟକର ଖାଦ୍ୟ କିମ୍ବା ପାଣି ବିକ୍ରି ନହୁଏ ତାହା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ଏହା ସହିତ ସବୁ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟ ଉପଲବ୍ଧ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ସୁରୁଖୁରୁରେ ଏବଂ ଠିକ୍ ସମୟରେ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ସେବାୟତ ମାନଙ୍କ ସହଯୋଗ କାମନା କରିଥିଲେ। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆମ ସାଂସ୍କୃତିର ସବୁଠାରୁ ଗୌରବମୟ ପରିଚୟ। କୋଟି କୋଟି ଲୋକଙ୍କ ଭାବାବେଗ ଏଥିରେ ଜଡିତ ଅଛି। ତେଣୁ, ଏହାର ସୁପରିଚାଳନା କେବଳ ଏକ ସରକାରୀ ଦାୟିତ୍ୱ ନୁହେଁ, ବରଂ ଏକ ପବିତ୍ର କର୍ତ୍ତବ୍ୟ। ତେଣୁ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ବେସରକାରୀ ସଂସ୍ଥା ସମସ୍ତେ ସମନ୍ୱୟ ରଖି ଏହାର ସଫଳ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଥଯାତ୍ରା ସୁରୁଖୁରୁ ରେ ସମ୍ପାଦିତ ହେବାପାଇଁ ନିଆ ଯାଇଥିବା ପଦକ୍ଷେପ,ସ୍ୱାସ୍ଥ୍ୟ ମନ୍ତ୍ରୀ ଡ ମୁକେଶ ମହଲିଙ୍ଗ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଇଥିବା ପ୍ରସ୍ତୁତି ଏବଂ ପୋଲିସ୍ ମହାନିର୍ଦ୍ଦେଶକ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିଷୟ ରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଅତିଥି ମାନେ ପୁରୀ ଜିଲ୍ଲା ପ୍ରଶାସନର ସୂଚନା ପୁସ୍ତିକା ରୂପରେଖ ଉନ୍ମୋଚନ କରିଥିଲେ ।

ଏହି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, , ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚ ଶିକ୍ଷା। କ୍ରୀଡା ଓ ଯୁବସେବା। ତଥା ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ସାଂସଦ ଶ୍ରୀ ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ଶ୍ରୀ ସୁଭାଶିଷ ଖୁଣ୍ଟିଆ, ବିଧାୟକ ଗଣ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗ ର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଗଣ, ଜିଲ୍ଲା ପ୍ରଶାସନର ଅଧିକାରୀଗଣ , ସେବାୟତ ଓ ମଠାଧୀଶ ଗଣ ଯୋଗଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ଗୁଣ୍ଡିଚା ମନ୍ଦିର ଯାଇ ସେଠାରେ ହୋଇଥିବା ଉନ୍ନତି ଓ ସୌନ୍ଦର୍ଯ୍ୟ କରଣକାର୍ଯ୍ୟ ବୁଲି ଦେଖିଥିଲେ ।




## ଦିଲ୍ଲୀକୁ ଛୁଇଁଲା ମୌସୁମୀ

ନୂଆଦିଲ୍ଲୀ,୨୨।୬(ଏଜେନସି): ଦେଶର ବିଭିନ୍ନ ଅଂଚଳରେ ମୌସୁମୀ ସକ୍ରିୟ ହୋଇଛି। ରାଜଧାନୀ ଦିଲ୍ଲୀ ସହିତ କେତେକ ରାଜ୍ୟରେ ଶନିବାର ଦିନ ହୋଇଥିବା ଝିପିଝିପି ବର୍ଷା ଲୋକଙ୍କୁ ପ୍ରବଳ ଗରମରୁ ଆଶ୍ୱସ୍ତି ଦେଇଛି। ଦିଲ୍ଲୀରେ ସାଧାରଣ ସମୟଠାରୁ ପ୍ରାୟ ତିନି ଦିନ ପୂର୍ବରୁ ମୌସୁମୀ ପ୍ରବେଶ କରିଥିବାରୁ ସହରବାସୀ ଆଶ୍ୱସ୍ତ ହୋଇଛନ୍ତି । ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା କିଛି ଦିନ ଧରି ଦେଶର ଅନେକ ଅଂଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଇଏମଡି ରବିବାର ପାଇଁ ଦେଶର ବିଭିନ୍ନ ଅଂଚଳ ପାଇଁ ବିସ୍ତୃତ ପୂର୍ବାନୁମାନ ଜାରି କରିଛି। ଏହାନୁସାରେ, ଆସାମ୍, ମେଘାଳୟ, ପୂର୍ବ ରାଜସ୍ଥାନ, ଗୁଜରାଟ, ହରିୟାଣା, ଚଣ୍ଡୀଗଡ଼, ଦିଲ୍ଲୀ, ହିମାଚଳ ପ୍ରଦେଶ, କୋଙ୍କଣ, ଗୋଆ, ମଧ୍ୟ ମହାରାଷ୍ଟ୍ର, ମଧ୍ୟ ପ୍ରଦେଶ, ନାଗାଲ୍ୟାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ପଂଜାବ, ଉପ-ହିମାଳୟୀ ପଶ୍ଚିମ ବଙ୍ଗ, ସିକିମ୍, ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ମୌସୁମୀରେ ଜାରି ରହିବ ଅପରେସନ୍

ନୂଆଦିଲ୍ଲୀ,୨୨।୬(ପିଆଇବି): କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ରାୟପୁରରେ ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ଡିଜିପି, ଏଡିଜିପି ଏବଂ ବରିଷ୍ଠ ଅଧିକାରୀଙ୍କ ସହ ନକ୍ସଲବାଦ ଉପରେ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିଛନ୍ତି।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ଗତ ଦେଢ଼ ବର୍ଷ ମଧ୍ୟରେ ବିଷ୍ଣୁ ଦେଓ ସାଇଙ୍କ ସରକାର ଏବଂ ଉପମୁଖ୍ୟମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ବିଜୟ ଶର୍ମାଙ୍କର ସବୁଠାରୁ ବଡ଼ ସଫଳତା ହେଉଛି ସେମାନେ ପୂର୍ବରୁ ଅଟକି ରହିଥିବା ନକ୍ସଲ ବିରୋଧୀ ଅଭିଯାନକୁ ତ୍ୱରାନ୍ୱିତ କରିଥିଲେ ଏବଂ ରାଜ୍ୟକୁ ନକ୍ସଲବାଦରୁ ମୁକ୍ତ କରିବା ଦିଗରେ ଅଗ୍ରସର ହୋଇଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଷ୍ଣୁ ଦେଓ ସାଇ ଏବଂ ବିଜୟ ଶର୍ମା କେବଳ ନକ୍ସଲ ବିରୋଧୀ ଅଭିଯାନକୁ ନୂତନ ଗତି ପ୍ରଦାନ କରିନଥିଲେ, ବରଂ ବାରମ୍ବାର ଅଭିଯାନକୁ ମାର୍ଗଦର୍ଶନ କରିଥିଲେ, ସୁରକ୍ଷା ବାହିନୀର ମନୋବଳ ବୃଦ୍ଧି କରିଥିଲେ ଏବଂ ସମ୍ପୂର୍ଣ୍ଣ ସମର୍ପଣ ସହିତ ଏହି ଲଢ଼େଇରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ।

କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଆତ୍ମବିଶ୍ୱାସର ସହ ଦୋହରାଇଥିଲେ ଯେ ୨୦୨୬ ମସିହା ମାର୍ଚ୍ଚ ୩୧ ସୁଦ୍ଧା ଦେଶ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦ ମୁକ୍ତ ହୋଇଯିବ। ସେ କହିଥିଲେ ଯେ ଆମ ସୁରକ୍ଷା ବାହିନୀ ଦ୍ୱାରା ପ୍ରଦର୍ଶିତ ସାହସିକତା ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସଠିକ ରଣନୀତି ଆଧାରରେ ଆମେ ନିଶ୍ଚିତ ଭାବେ ଏହି ଲକ୍ଷ୍ୟ ହାସଲ କରିବୁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରତିବର୍ଷ ବର୍ଷା ଋତୁରେ ବିଶ୍ରାମ ନେଉଥିବା ନକ୍ସଲମାନେ ଚଳିତ ବର୍ଷ ମୌସୁମୀରେ ଶାନ୍ତିରେ ଶୋଇପାରିବେ ନାହିଁ।କାରଣ ଆମର ସୁରକ୍ଷା ବାହିନୀ ସେମାନଙ୍କର ଅପରେସନ ଜାରି ରଖିବେ।

ଶ୍ରୀ ଶାହ ସମସ୍ତ ଯୁବକମାନଙ୍କୁ ଆହ୍ୱାନ କରିଛନ୍ତି ଯେଉଁମାନେ ନକ୍ସଲବାଦର ପଥରେ ପଥଭ୍ରଷ୍ଟ ହୋଇଛନ୍ତି, ସେମାନେ ଅସ୍ତ୍ର ସମର୍ପଣ କରନ୍ତୁ ଏବଂ ଛତିଶଗଡ଼ ସରକାରଙ୍କ ଆତ୍ମସମର୍ପଣ ନୀତିର ଲାଭ ଉଠାନ୍ତୁ। ଯୁବକମାନଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ ନୂତନ ଛତିଶଗଡ଼ର ବିକାଶ ଯାତ୍ରାରେ ଯୋଗଦେବା ପାଇଁ ସେମାନଙ୍କୁ ଏହାଠାରୁ ଭଲ ସୁଯୋଗ ମିଳିବ ନାହିଁ। ହିଂସା ମାର୍ଗରେ ଚାଲୁଥିବା ଯୁବକମାନଙ୍କୁ ସରକାରଙ୍କୁ ବିଶ୍ୱାସ କରିବା ଏବଂ ସମାଜର ମୁଖ୍ୟଧାରାରେ ଯୋଗଦେବା ପାଇଁ ଶ୍ରୀ ଶାହ ଅନୁରୋଧ କରିଥିଲେ। ଏପରି କରିବା ଦ୍ୱାରା ସେମାନେ ସ୍ୱୟଂଚାଳିତ ଭାବେ ଛତିଶଗଡ଼ର ବିକାଶ ଯାତ୍ରା ସହିତ ଯୋଡ଼ି ହୋଇଯିବେ ଶ୍ରୀ ଶାହ କହିଥିଲେ ଯେ କେନ୍ଦ୍ର ଏବଂ ଛତିଶଗଡ଼ ସରକାର ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବେ ଏବଂ ଆହୁରି ଅଧିକ ସହାୟତା ପ୍ରଦାନ କରିବା ଲାଗି ପ୍ରୟାସ କରିବେ।




# ରଥଯାତ୍ରାରେ ୩୬୫ ସ୍ୱତନ୍ତ୍ର ଟ୍ରେନ ଚଳାଚଳ

ଭୁବନେଶ୍ୱର,୨୨।୬(ମହାଭାରତ): ପୁରୀରେ ହେବାକୁ ଥିବା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ମହୋତ୍ସବକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକର ତୀର୍ଥଯାତ୍ରୀ ଏବଂ ପରିଦର୍ଶକ ମାନଙ୍କ ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛି ।

ରଥଯାତ୍ରା ୨୦୨୫ ସମୟରେ ନିୟମିତ ଚଳାଚଳ କରୁଥିବା ଟ୍ରେନ ବ୍ୟତୀତ ୩୬୫ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବା ପାଇଁ ରେଳବାଇ ପକ୍ଷରୁ ବ୍ୟବସ୍ଥା କରାଯାଉଅଛି । ଏହି ସ୍ୱତନ୍ତ୍ର ଟ୍ରେନ ସେବାଗୁଡ଼ିକ ରାଜ୍ୟର ବିଭିନ୍ନ ସ୍ଥାନରୁ ଚଳାଚଳ କରାଯିବାକୁ ଯୋଜନା କରାଯାଇଛି ଏବଂ ରଥଯାତ୍ରା ମହୋତ୍ସବର ପ୍ରମୁଖ ଦିନଗୁଡ଼ିକରେ ବିଶେଷ ଗୁରୁତ୍ୱ ଦିଆଯିବାକୁ ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଅଛି ଯାହା ରାଉରକେଲା, ବୀରମିତ୍ରପୁର, ବାଙ୍ଗିରିପୋଷି, ଜୁନାଗଡ଼ ରୋଡ୍, ବାଦାମପାହାଡ଼, ବୌଦ୍ଧ, ଜଗଦଲପୁର, ବାଲେଶ୍ୱର, ଅନୁଗୁଳ, ଗୁଣୁପୁର, ରାୟଗଡ଼ା, ପାରାଦୀପ, ଭଦ୍ରକ, କେନ୍ଦୁଝର, ଦଶପଲ୍ଲା, ଖୋର୍ଦ୍ଧା ରୋଡ୍, ଭଦ୍ରକ, ସମ୍ବଲପୁର, ତାଳଚେର, କଟକ, ବ୍ରହ୍ମପୁର, ଢେଙ୍କାନାଳ, ବଡ଼ବିଲ, ପଲାସା ଏବଂ ବିଶାଖାପାଟଣା (ଆନ୍ଧ୍ର ପ୍ରଦେଶ), ଜଗଦଲପୁର ଓ ଗୋଣ୍ଡିଆ (ଛତିଶଗଡ଼) ଏବଂ ସାନ୍ତ୍ରାଗାଛି / କଲିକତା (ପଶ୍ଚିମବଙ୍ଗ) ସହିତ ଟ୍ରେନ ସେବା ସଂଯୋଗ କରିବ ।

ଏହି ବ୍ୟାପକ ରେଳ ସଂଯୋଗୀକରଣ କେବଳ ମହୋତ୍ସବ ସମୟରେ ତୀର୍ଥଯାତ୍ରୀଙ୍କ ବିପୁଳ ସଂଖ୍ୟାକୁ ପୂରଣ କରିବ ନାହିଁ ବରଂ ଦୂରଦୂରାନ୍ତ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକର ଲୋକଙ୍କ ପାଇଁ ଯାତ୍ରାକୁ ଯଥେଷ୍ଟ ସହଜ କରିବ । ଗୁଣ୍ଡିଚା ଯାତ୍ରା, ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ବ୍ୟତୀତ ରଥଯାତ୍ରା ମହୋତ୍ସବର ଅନ୍ୟ ଦିନଗୁଡ଼ିକ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି ଯେଉଁଥିରେ ରାଉରକେଲା, ବାଦାମପାହାଡ଼, ବୀରମିତ୍ରପୁର, ବାଙ୍ଗିରିପୋଷି, ବାଲେଶ୍ୱର, ବଡ଼ବିଲ, ଅନୁଗୁଳ, ପାରାଦୀପ, ଭଦ୍ରକ, କେନ୍ଦୁଝର, ପଲାସା, ଦଶପଲ୍ଲା, ଖୋର୍ଦ୍ଧା ରୋଡ୍, ବଡ଼ବିଲ, ଜଗଦଲପୁର ଓ ଗୋଣ୍ଡିଆ (ଛତିଶଗଡ଼), ସନ୍ତ୍ରାଗାଛି (ପଶ୍ଚିମବଙ୍ଗ) ଏବଂ ପଲାସା ଓ ବିଶାଖାପାଟଣା (ଆନ୍ଧ୍ରପ୍ରଦେଶ) ବ୍ୟତୀତ ଅନ୍ୟାନ୍ୟ ସ୍ଥାନରୁ ଉତ୍ସର୍ଗୀକୃତ ସେବା ଉପଲବ୍ଧ ହେବ । ଚଳିତ ବର୍ଷ ରଥଯାତ୍ରା ବ୍ୟବସ୍ଥା ୨୦୨୪ ରଥଯାତ୍ରା ତୁଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିକୁ ସୁନିଶ୍ଚିତ କରିଛି ଯେତେବେଳେ ୩୧୫ ଟି ସ୍ୱତନ୍ତ୍ର ଟ୍ରେନ ପରିଚାଳିତ ହୋଇଥିଲା । ଏହି ବର୍ଦ୍ଧିତ ସଂଖ୍ୟା ସହିତ ପୂର୍ବ ତଟ ରେଳପଥ ଓଡ଼ିଶାର ସବୁଠାରୁ ପ୍ରସିଦ୍ଧ ଆଧ୍ୟାତ୍ମିକ ପର୍ବ ସମୟରେ ସମସ୍ତ ଭକ୍ତଙ୍କ ପାଇଁ ନିରାପଦ, ଆରାମଦାୟକ ଏବଂ ଦକ୍ଷ ଯାତ୍ରା ସୁବିଧା ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରୁଅଛି ।

## ଏକ୍ସପ୍ରେସ୍‌କୁ ପଥରମାଡ଼

ବନ୍ଧମୁଣ୍ଡା,୨୨।୬(ମହାଭାରତ): ରେଳଯାତ୍ରୀଙ୍କ ସୁରକ୍ଷା ଉପରେ ପୁଣିଥରେ ପ୍ରଶ୍ନ ଉଠିଛି। ଶନିବାର ବିଳମ୍ବିତ ରାତ୍ରି ସମୟରେ କେତେକ ଦୁର୍ବୃତ୍ତ ବିଳାସପୁରରୁ ରାଉରକେଲା ଅଭିମୁଖେ ଆସୁଥିବା ଟ୍ରେନ୍ ସଂଖ୍ୟା ୧୮୦୨୯ କୁର୍ଲା-ଶାଲିମାର ଏକ୍ସପ୍ରେସ୍ ଉପରକୁ ପଥର ମାଡ଼ କରିଛନ୍ତି।ଟ୍ରେନଟି ବ୍ରଜରାଜନଗର ଅତିକ୍ରମ କରିବା ପରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ଟ୍ରେନର ବି-୨ କୋଚ୍‌ର ୨୫ ଓ ୨୮ ନମ୍ବର ସିଟ୍ ପାଖରେ ଥିବା ଝରକାରେ ପଥରମାଡ଼ ହୋଇଥିଲା ଟ୍ରେନ୍‌ରେ ଉପସ୍ଥିତ ଟିଟିଇ ଘଟଣା ବିଷୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଟ୍ରେନ୍‌ଟି ଝାରସୁଗୁଡ଼ାରେ ପହଞ୍ଚିବା ପରେ ରେଳବାଇ ଅଧିକାରୀମାନେ ଉକ୍ତ କୋଚ୍‌ର ଯାତ୍ରୀଙ୍କ ଅବସ୍ଥା ପଚାରି ବୁଝିଥିଲେ। ପଥର ମାଡ଼ରେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି।

# ହୀରାଖଣ୍ଡରୁ ଅଲଗା ହେଲା ବଗି

କୋରାପୁଟ,୨୨।୬(ମହାଭାରତ): ଛତିଶଗଡ଼ର ଜଗଦଲପୁରରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍ ପୁଣି ଅଘଟଣର ଶିକାର ହୋଇଛି। ଆଜି ସନ୍ଧ୍ୟାରେ ଏହି ଟ୍ରେନ୍‌ର ବଗିରୁ ବଗି ଅଲଗା ହେବା ଯୋଗୁଁ ଅଧାରେ ଅଟକିଛି। ଫଳରେ ଟ୍ରେନ୍‌ରେ ଥିବା ଯାତ୍ରୀମାନେ ଭୟଭୀତ ହୋଇଛନ୍ତି। ସୌଭାଗ୍ୟ ବଶତଃ ଏହି ଅଘଟଣରେ କେଣସି ଯାତ୍ରୀଙ୍କ କିଛି କ୍ଷତି ହୋଇ ନାହିଁ ।

ସୂଚନା ଅନୁସାରେ ଟ୍ରେନ୍ ନମ୍ବର ୧୮୪୪୮ (ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍) ଆଜି ଜଗଦଲପୁର ଠାରୁ ଅପରାହ୍ନ ସାଢ଼େ ୪ଟାରେ ପହଞ୍ଚିବାର ଥିଲା। ଏହି ଟ୍ରେନ୍‌ଟି ଭୁବନେଶ୍ୱରରେ ଆସନ୍ତାକାଲି (ମଙ୍ଗଳବାର) ପୂର୍ବାହ୍ଣ ୮ଟା ୨୦ରେ ପହଞ୍ଚିବାର ଥିଲା ମାତ୍ର ଏଥିରେ ତ୍ରୁଟି ଯୋଗୁ ଆମଗୁଡ଼ା ନିକଟରେ ଟ୍ରେନ୍‌ର ବଗିରୁ ଅନ୍ୟ ବଗିଗୁଡ଼ିକ ଅଲଗା ହୋଇଯାଇଥିଲା।ଇଂଜିନ ପାର୍ଶ୍ୱରେ ଥିବା କିଛି ବଗି ଘଟଣାସ୍ଥଳରୁ ବହୁ ଆଗକୁ ପଳାଇଥିଲା। ବାକି ବଗି ସବୁ ପଛପଟରେ ରହି ଯାଇଥିଲା। ଟ୍ରେନ୍‌ର କିଛି ବଗି ସହିତ ଇଂଜିନ ଆଗକୁ ପଳାଇ ଯିବା ପରେ ଯାତ୍ରୀ ଭୟଭୀତ ହୋଇଯାଇଥିଲେ ମାତ୍ର ସମସ୍ତ ଯାତ୍ରୀସୁରକ୍ଷିତ ଅଛନ୍ତି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଟ୍ରେନ୍ ମରାମତି କାମ ଶୀଘ୍ର କରାଯିବା ପାଇଁ ଉଦ୍ୟମ ଜାରି ରହିଛି ରାତି ବଢୁଥିବାରୁ ଯାତ୍ରୀମାନଙ୍କ ମନରେ ଭୟ ସୃଷ୍ଟି ହୋଇଛି ଟ୍ରେନ୍‌ଟି ଆସନ୍ତାକାଲି ଭୁବନେଶ୍ୱରରେ ପହଞ୍ଚିବାକୁ ବିଳମ୍ବ ହେବାର ଆଶଙ୍କା କରାଯାଉଛି । କୋରାପୁଟ ଓ ଜଗଦଲପୁରରୁ ବୈଷୟିକ ଟିମ୍ ଘଟଣାସ୍ଥଳକୁ ଯାଇଛନ୍ତି। ବଗିକୁ ବଗି ସଂଯୋଗ କରୁଥିବା କପଲର ଲିଙ୍କ ମରାମତି ହେଲେ ଗାଡ଼ି ଚଳାଚଳ କରିବ ବୋଲି ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍ ପୂର୍ବରୁ ମଧ୍ୟ ଏକାଧିକ ଥର ଅଘଟଣର ଶିକାର ହୋଇଛି। ଗତ ଅପ୍ରେଲ ୧୯ ତାରିଖରେ ପେଣ୍ଟାଗ୍ରାଫ୍ ଅଚଳ ଯୋଗୁଁ ହୀରାଖଣ୍ଡ ଏକ୍ସପ୍ରେସ୍ ଚଳାଚଳରେ ବାଧା ପହଞ୍ଚି ଥିଲା। ସେହିପରି କୋରାପୁଟ-ରାୟଗଡ଼ା (କେଆର) ରେଳ ଲାଇନରେ ୨୦୧୯ ଅକ୍ଟୋବର ୨୦ରେ ଭୁବନେଶ୍ୱର-ଜଗଦଲପୁର ହୀରଖଣ୍ଡ ଏକ୍ସପ୍ରେସ୍ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟ୍ରେନଟି ପ୍ରାୟ ୩ ଘଣ୍ଟା କାଳ ଜଙ୍ଗଲ ଭିତରେ ଅଟକି ରହିଥିଲା। ରେଳ କର୍ତ୍ତୃପକ୍ଷ ସୂଚନା ପାଇ ଆଉ ଏକ ଇଞ୍ଜିନ୍ ସାହାଯ୍ୟରେ ଟ୍ରେନକୁ ଭାଲୁମାସ୍କା ଷ୍ଟେସନକୁ ଆଣିଥିଲେ।




# ଇରାନ ଉପରେ ଆଟାକ କଲା ଆମେରିକା

ନୂଆଦିଲ୍ଲୀ,୨୨।୬(ମହାଭାରତ): ଇରାନ-ଇସ୍ରାଏଲ ମଧ୍ୟରେ ଚାଲିଛି ଘମାଘୋଟ ଲଢେଇ। ଆମେରିକା ଇରାନ ଉପରେ ପରମାଣୁ ଘାଟି ଉପରେ ଆକ୍ରମଣ କରିବା ପରେ ତୀବ୍ର ହୋଇଛି ଯୁଦ୍ଧ। ଅଧିକ ପ୍ରତିକ୍ରିୟାଶୀଳ ହୋଇଉଠିଛି ଇରାନ୍। ଇସ୍ରାଏଲ୍ ଉପରେ ଆକ୍ରମଣକୁ ତୀବ୍ର କରିଛି ତେହେରାନ। ତେଲ ଅଭିଭ୍, ହାଇଫା ଏବଂ ଜେରୁଜେଲମ ସମେତ ଇସ୍ରାଏଲର ୨୫ଟି ସହରରେ ଇରାନ ପକ୍ଷରୁ ୩୦ରୁ ଅଧିକ ମିସାଇଲ୍ ମାଡ଼ କରାଯାଇଛି। ଏହି ଆକ୍ରମଣରେ ଜନବସତି ଅଞ୍ଚଳଗୁଡ଼ିକ ଧ୍ୱସ୍ତ ସ୍ତୂପରେ ପରିଣତ ହୋଇଛି। ସେପଟେ ଇରାନକୁ ମୁହଁତୋଡ଼ ଜବାବ ଦିଆଯାଉଥିବା କହିଛି ଆଇଡିଏଫ୍।

ଆମେରିକାର ତେହେରାନ ଉପରେ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିଆନଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଛନ୍ତି।। ପରିସ୍ଥିତିକୁ ତୁରନ୍ତ ହ୍ରାସ କରିବା, ଆଲୋଚନା ଏବଂ କୂଟନୀତିକୁ ଆଗକୁ ବଢ଼ାଇବା ଏବଂ ଆଞ୍ଚଳିକ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତାର ଶୀଘ୍ର ପୁନଃସ୍ଥାପନ ଆହ୍ୱାନ ଦେଇଛନ୍ତି ମୋଦୀ । ପରମାଣୁ ଘାଟି ଉପରେ ଆମେରିକା ଆକ୍ରମଣ କରିବାର କିଛି ସମୟ ମଧ୍ୟରେ ଉଭୟ ରାଷ୍ଟ୍ରନେତାଙ୍କ ମଧ୍ୟରେ ଏହି ଆଲୋଚନା ହୋଇଛି । ତେବେ ମଧ୍ୟପ୍ରାଚ୍ୟରେ ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଏହି ଲଢ଼େଇ ଧୀରେ ଧୀରେ ତୃତୀୟ ବିଶ୍ୱଯୁଦ୍ଧ ମୁହାଁ ହୋଇଛି । ରବିବାର ଆକ୍ରମଣ ପରେ ଯୁଦ୍ଧକୁ ଆମେରିକା ପ୍ରତ୍ୟକ୍ଷ ଭାବେ ପ୍ରବେଶ କରିଥିବା ବେଳେ ଆଗକୁ ବିଶ୍ୱର ଅନ୍ୟ ଦୁଇ ମହାଶକ୍ତି ଋଷ୍ ଓ ଚୀନ କଣ ପଦକ୍ଷେପ ନେଉଛନ୍ତି ତାହା ଉପରେ ପୂରା ବିଶ୍ୱବାସୀଙ୍କ ନଜର ରହିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏବେ ସବୁଠାରୁ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି ଏବେ ଆମେରିକା ମଧ୍ୟ ଖୋଲାଖୋଲି ଭାବରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସଂଘର୍ଷର ନିଆଁରେ ଡେଇଁ ପଡ଼ିଛି। ଆମେରିକା ଇରାନର ତିନୋଟି ପରମାଣୁ ସ୍ଥାନ - ଫୋର୍ଡୋ, ନାଟାଞ୍ଜ ଏବଂ ଇସଫାହାନ ଉପରେ ଇତିହାସର ସବୁଠାରୁ ସଫଳ ସାମରିକ ଆକ୍ରମଣ କରିଛି। ଏହା ପରେ ସମଗ୍ର ବିଶ୍ୱରେ ଉତ୍ତେଜନା ବଢିଯାଇଛି। ଏଥପାଇଁ ଜାତିସଂଘ ସୁରକ୍ଷା ପରିଷଦର ଏକ ବୈଠକ ଡକାଯାଇଛି। ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇସାକ ଡାର ଏକ୍ସ ପୋଷ୍ଟକୁ କହିଛନ୍ତି ଯେ ଇରାନର ଅନୁରୋଧରେ ଜାତିସଂଘ ସୁରକ୍ଷା ପରିଷଦର ଏକ ଜରୁରୀକାଳୀନ ବୈଠକ ଡକାଯାଉଛି। ଏହାକୁ ପାକିସ୍ତାନ, ଚୀନ୍ ଏବଂ ରୁଷର ସମର୍ଥନ ମିଳିଛି। ଇରାନର ପରମାଣୁ ସ୍ଥାନ ଉପରେ ଆମେରିକାର ବଡ଼ ଆକ୍ରମଣ ପରେ ଏହି କୂଟନୈତିକ କାର୍ଯ୍ୟକଳାପ ତୀବ୍ର ହୋଇଛି। ପାକିସ୍ତାନର ସମର୍ଥନ ଦର୍ଶାଉଛି ଯେ ସେ ଏହି ଆକ୍ରମଣକୁ ଅନ୍ତର୍ଜାତୀୟ ମଞ୍ଚରେ ଉଠାଇବାକୁ ଚାହୁଁଛି।

ଏବେ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ ଏହାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି । ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି ଯେ, ଆମେରିକାର ଏହି କାର୍ଯ୍ୟ ଯୋଗୁ ସଂଘର୍ଷ ଶୀଘ୍ର ନିୟନ୍ତ୍ରଣ ବାହାରକୁ ଯିବାର ବିପଦ ସୃଷ୍ଟି ହୋଇଛି, ଯାହା ସାଧାରଣ ନାଗରିକ, ସମଗ୍ର ଅଞ୍ଚଳ ଏବଂ ବିଶ୍ୱ ଉପରେ ବିନାଶକାରୀ ପ୍ରଭାବ ପକାଇପାରେ। ସେ ଏହାକୁ ଏକ ବିପଦପୂର୍ଣ୍ଣ ତଥା ଉତ୍ତେଜନାପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି । ଯାହା ପୂର୍ବରୁ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ଅଛି। ଗୁଟେରେସଙ୍କ ଅନୁଯାୟୀ, ଏହା ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷା ପାଇଁ ଏକ ଗମ୍ଭୀର ଏବଂ ସିଧାସଳଖ ବିପଦ ।



# ନବୀନଙ୍କ ଅସ୍ତ୍ରୋପଚାର ସଫଳ

ଭୁବନେଶ୍ୱର,୨୨।୬(ମହାଭାରତ): ବିରୋଧୀ ଦଳ ନେତା ଏବଂ ବିଜେଡିର ବରିଷ୍ଠ ନେତା ନବୀନ ପଟ୍ଟନାୟକ ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ୍‌ରେ ସର୍ଭାଇକାଲ୍ ଆର୍ଥରାଇଟିସ୍‌ର ସଫଳ ସର୍ଜରୀ କରାଇଛନ୍ତି। ଏହି ଅପରେସନ୍ ଦେଶର ପ୍ରସିଦ୍ଧ ହୃଦରୋଗ ବିଶେଷଜ୍ଞ ଏବଂ ପଟ୍ଟନାୟକଙ୍କ ବ୍ୟକ୍ତିଗତ ଚିକିତ୍ସକ ଡ଼ା. ରମାକାନ୍ତ ପଣ୍ଡାଙ୍କ ତଦାରଖରେ ହୋଇଥିଲା। ଡ. ପଣ୍ଡା ସୂଚନା ଦେଇ କହିଛନ୍ତି ଯେ, ଅପରେସନ୍ ସମୟ ଚାରି ଘଂଟା ଲାଗିଥିଲା, ଯାହାର ପ୍ରଥମ ଦୁଇ ଘଂଟା ପୂର୍ବ ପ୍ରକ୍ରିୟା ପାଇଁ ଓ ଶେଷ ଦୁଇ ଘଂଟା ମୁଖ୍ୟ ଶଲ୍ୟଚିକିତ୍ସା ପାଇଁ ଲାଗିଛି। ସେ କହିଛନ୍ତି ଯେ ଭଗବାନ ଜଗନ୍ନାଥଙ୍କ କୃପାରେ ଅପରେସନ୍ ସଫଳ ହୋଇଛି। ଏହି ସର୍ଜରୀ ପାଇଁ ବିଶେଷ ଭାବରେ କୋଏମ୍ବାଟୁରରୁ ଜଣେ ପ୍ରସିଦ୍ଧ ମେରୁଦଣ୍ଡ ଚିକିତ୍ସକଙ୍କୁ ଆଣାଯାଇଥିଲା। ସର୍ଜରୀ ପରେ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ରିକଭରୀ ରୁମ୍‌କୁ ସ୍ଥାନାନ୍ତର କରାଯାଇଛି, ଯେଉଁଠାରେ ଆଗାମୀ ୪୮ ଘଂଟା ପର୍ଯ୍ୟନ୍ତ ସେ ଚିକିତ୍ସାଗତ ନିରୀକ୍ଷଣ ଅଧୀନରେ ରହିବେ। ଡ଼ା. ରମାକାନ୍ତ ପଣ୍ଡା କହିଛନ୍ତି ଯେ ଶ୍ରୀ ପଟ୍ଟନାୟକଙ୍କ ଅବସ୍ଥା ସ୍ଥିର ଅଛି ଓ ସେ ଦ୍ରୁତ ଭାବରେ ସୁସ୍ଥ ହେଉଛନ୍ତି। ବର୍ତ୍ତମାନ ପରିସ୍ଥିତିରେ କୌଣସି ଚିନ୍ତାର କଥା ନାହିଁ। ଶ୍ରୀ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଖବର ସାମ୍ନାକୁ ଆସିବା ସାରା ଓଡ଼ିଶାରେ ତାଙ୍କ ସମର୍ଥକ ଓ ଦଳର କାର୍ଯ୍ୟକର୍ତ୍ତାମାନେ ତାଙ୍କ ଶୀଘ୍ର ସୁସ୍ଥତା ପାଇଁ କାମନା କରିବା ଆରମ୍ଭ କରିଦେଇଛନ୍ତି।



# ଇରାନ ରାଷ୍ଟ୍ରପତିଙ୍କ ସହ କଥା ହେଲେ ମୋଦୀ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି): ଇରାନର ମହାମହିମ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନରେ ଆଲୋଚନା କରିଛନ୍ତି। ରାଷ୍ଟ୍ରପତି ପେଜେସ୍କିଆନ ଏହି ଅଂଚଳର ବର୍ତ୍ତମାନର ପରିସ୍ଥିତି, ବିଶେଷକରି ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ ଉପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ ଏବଂ ତାଙ୍କର ଦୃଷ୍ଟିକୋଣ ଜଣାଇଥିଲେ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବର୍ତ୍ତମାନର ଏହି ଉତ୍ତେଜନା ବୃଦ୍ଧି ଉପରେ ଭାରତର ଗଭୀର ଚିନ୍ତା ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ଶାନ୍ତି ଏବଂ ମାନବତା ପାଇଁ ଠିଆହୋଇଛି। ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ତୁରନ୍ତ ଉତ୍ତେଜନା ହ୍ରାସ କରିବା ପାଇଁ ଆଲୋଚନା ଏବଂ କୂଟନୀତିର ରାସ୍ତା ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆଞ୍ଚଳିକ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତା ଶୀଘ୍ର ପୁନଃସ୍ଥାପନ ପାଇଁ ଭାରତର ସମର୍ଥନକୁ ପୁନର୍ବାର ଦୋହରାଇଥିଲେ ପ୍ରଧାନମନ୍ତ୍ରୀ ମୋଦୀ ଭାରତୀୟ ସମ୍ପ୍ରଦାୟର ନିରାପଦ ପ୍ରତ୍ୟାବର୍ତ୍ତନ ନିମନ୍ତେ ରାଷ୍ଟ୍ରପତି ପେଜେସ୍କିଆନଙ୍କ ନିରନ୍ତର ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ଦୁଇ ନେତା ବାଣିଜ୍ୟ ଏବଂ ଅର୍ଥନୈତିକ ସହଯୋଗ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ଦୁଇ ଦେଶର ଲୋକମାନଙ୍କ ମଧ୍ୟରେ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ନିମନ୍ତେ କାର୍ଯ୍ୟ ଜାରିରଖିବା ପାଇଁ ସେମାନଙ୍କର ମିଳିତ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

## ପନୀର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଳା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦ୍ଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



ଖବର

## ଚର୍ଚ୍ଚାରେ 'ସିତାରେ ଜମିନ୍ ପର'ର ଆୟ



ଅମିର ଖାନଙ୍କ 'ସିତାରେ ଜମିନ୍ ପର' ବକ୍ସ ଅଫିସରେ ଚହଳ ପକାଇଛି। ଏହାର ଚାହିଦା ଆଶାଠାରୁ ଅଧିକ ରହିଥିବା କୁହାଯାଉଛି। ପ୍ରଥମ ଦିନରେ ଭଲ କଲେକ୍ସନ କରିବା ପରେ, ଦ୍ୱିତୀୟ ଏବଂ ତୃତୀୟ ଦିନରେ ଫିଲ୍ମର ହୋଇଥିବା ଆୟ ଚର୍ଚ୍ଚାରେ ରହିଛି।ଆର.ଏସ୍. ପ୍ରସନ୍ନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ୨୦ ଜୁନରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା। ଆଜି ସିନେମାଘରେ ଫିଲ୍ମର ତୃତୀୟ ଦିନ ଚାଲିଛି। 'ସିତାରେ ଜମିନ୍ ପର' ପ୍ରଥମ ଦିନରେ ୧୦.୭ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ ଦ୍ୱିତୀୟ ଦିନରେ,ଫିଲ୍ମର ଆୟ ୧୦୨ ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ୨୧.୭ କୋଟି ଟଙ୍କାରେ ପହଞ୍ଚିଥିଲା।ଏହି କ୍ରମରେ ଦେଖିବାକୁ ଗଲେ ଅମିରଙ୍କ ସିନେମା ତୃତୀୟ ଦିନରେ ଅପରାହ୍ନ ୪:୧୫ ସୁଦ୍ଧା ୧୨.୮୯ କୋଟି ଟଙ୍କା ରୋଜଗାର କରି ସାରିଛି । ଅର୍ଥାତ ଏଯାବତ ସିନେମାର ମୋଟ ଆୟ ୪୩.୭୯ କୋଟି ଟଙ୍କା ରହିଛି। ତେବେ ଏହି ସଂଖ୍ୟା ଚୂଡ଼ାନ୍ତ ନୁହେଁ। ଏଥିରେ ପରିବର୍ତ୍ତନ ହୋଇପାରେ।'ସିତାରେ ଜମିନ୍ ପର' ୩ ଦିନରେ ୫୦ଟି ସିନେମାର ରେକର୍ଡ ଭାଙ୍ଗିଛି। ଆମିର ଖାନଙ୍କ ଫିଲ୍ମ ପ୍ରଥମ ଦିନରେ ୨୦୨୫ରେ ମୁକ୍ତିଲାଭ କରିଥିବା ୧୭ଟି ଫିଲ୍ମର ପ୍ରଥମ ଦିନର ସଂଗ୍ରହକୁ ପଛରେ ପକାଇ ଦେଇଛି।

## ଶାନ୍ତି ପାଇଁ ବାସ୍ତୁ ଉପାୟ



- ଘରର ମୁଖ୍ୟ ଦ୍ୱାର ଭିତରକୁ ଖୋଲିବା ଉଚିତ୍ । ବାହାରକୁ ଖୋଲିଲେ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ ।
- ରୋଷେଇ ଘରର ମୁହଁ ପୂର୍ବ ଆଡ଼କୁ ରହିବା ଉଚିତ୍ ।
- ରୋଷେଇ ଘରେ ଅନ୍ଧାରରେ ଚୁଲି ଜଳାଇବା ଅଶୁଭ ।
- ଘରେ ସୁଖ-ଶାନ୍ତି ବଜାୟ ରଖିବା ଲାଗି ରୋଷେଇ ଘରେ ଗୁଡ଼ ରଖିବା ଆବଶ୍ୟକ ।
- ଦ୍ୱାରରେ ଲାଗିଥିବା କବ୍‌ଜା କବାଟ ଖୋଲିବା ସମୟରେ ଧ୍ୱନି କରୁଥିଲେ, ତାହା ବାସ୍ତୁ ଅନୁଯାୟୀ ଅଶୁଭ ହୋଇଥାଏ ।
- ପ୍ରବେଶ ଦ୍ୱାର ସର୍ବଦା ସଫାସୁତୁରା ରଖିଲେ ମାନ-ସମ୍ମାନ ବୃଦ୍ଧି ହୋଇଥାଏ ।
- ଘରେ ରହିଥିବା ଧର୍ମ ପୁସ୍ତକ, ପିଲାମାନଙ୍କ ବହି ପତ୍ର ଏବଂ ବ୍ୟବସାୟରେ ଉପଯୋଗ ହେଉଥିବା ରେଜିଷ୍ଟରରେ ଶୁଭ ଚିହ୍ନ ଲଗାଇବା ଉଚିତ୍ ।
- ଘରର ମୁଖ୍ୟ ଦ୍ୱାର ଏବଂ ରୋଷେଇ ଘର ସାମ୍ନାସାମ୍ନି ହେବା ଅନୁଚିତ୍ । ଏହାଦ୍ୱାରା ହଜମ ସମ୍ବନ୍ଧୀୟ ରୋଗ ହୋଇଥାଏ ।

## ଚଣା ଡାଲି ବାଦାମଠାରୁ ଅଧିକ ଲାଭଦାୟକ

ପ୍ରତିଦିନ ସକାଳେ ଭିଜା ବାଦାମ ଖାଇବା ବେଶ୍ ଲାଭଦାୟକ । ମାତ୍ର ଭିଜା ବାଦାମଠାରୁ ଚଣା ଡାଲି ଅଧିକ ଲାଭଦାୟକ । ଶସ୍ତାରେ ମିଳୁଥିବା ଚଣା ଡାଲିରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫ୍ୟାଟ୍, ଫାଇବର, କ୍ୟାଲସିୟମ୍, ଆଇରନ୍ ଏବଂ ଭିଟାମିନ୍ସ ଭରପୁର ମାତ୍ରାରେ ରହିଛି । ଗଜା ଚଣାରେ କ୍ଲୋରୋଫିଲ, ଭିଟାମିନ୍ ଏ, ବି, ସି, ଡି ଏବଂ କେ, ଫସଫରସ, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ମିନେରାଲସ ରହିଛି । ରାତିସାରା ଭିଜାଇ ସକାଳେ ଚଣା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହେ ।



**ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ-** ଚଣାରେ ଭିଟାମିନ୍, ମିନେରାଲ୍ସ, କ୍ଲୋରୋଫିଲ୍ ଏବଂ ଫସଫରସ ପର୍ଯ୍ୟାପ୍ତ ପରିମାଣରେ ରହିଛି । ଯାହା ଫଳରେ ପ୍ରତିଦିନ ଭିଜା ଚଣା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ।

**ଡାଏବେଟିସ୍ ପାଇଁ ଲାଭଦାୟକ-** ଡାଏବେଟିସ୍ ରୋଗୀ ପ୍ରତିଦିନ ସକାଳେ ୨୫ ଗ୍ରାମ୍ ଭିଜା ଚଣା ଖାଇବା ଲାଭଦାୟକ ହୋଇଥାଏ । ଖାଲି ପେଟରେ ଖାଇଲେ ଡାଏବେଟିସ୍‌ରୁ ଆରାମ ମିଳିଥାଏ ।

**କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି-** ଚଣା ଡାଲିରେ ଥିବା ଫାଇବର ପାଚନ ପାଇଁ ଲାଭଦାୟକ ହୋଇଥାଏ । ପେଟ ଦରଜ ଓ କୋଷ୍ଠକାଠିନ୍ୟ ସମସ୍ୟା ଥିଲେ ଚଣାରେ ଅଦା, ଜିରା ଏବଂ ଲୁଣ ମିଶାଇ ଖାଆନ୍ତୁ । ଏହାଦ୍ୱାରା ପେଟ ଦରଜ ସମସ୍ୟାରୁ ମୁକ୍ତି ମିଳିଥାଏ ।

**ଶକ୍ତି ମିଳିଥାଏ-** ପ୍ରତିଦିନ ସକାଳେ ଚଣାରେ ଲେମ୍ବୁ, ଅଦା, ଲୁଣ, ଗୋଲମରିଚ ମିଶାଇ ଖାଇଲେ ଶରୀର ସୁସ୍ଥ ରହିଥାଏ । ଏହାସହ ଦିନରେ କାମ କରିବା ପାଇଁ ଶକ୍ତି ମିଳିଥାଏ ।

**ସୁସ୍ଥ ରହିବ ଶରୀର-** ପୁରୁଷଙ୍କଠାରେ ଥିବା କୌଣସି ଦୁର୍ବଳତା ପାଇଁ ଚଣା ବେଶ୍ ଲାଭଦାୟକ । ପ୍ରତିଦିନ ସକାଳେ ଭିଜା ଚଣା ଖାଇଲେ ଏହା ଶରୀରକୁ ସୁସ୍ଥ ରଖିବା ସହ ଶକ୍ତି ପ୍ରଦାନ କରିଥାଏ ।

**ଆଇରନ୍ ସମସ୍ୟା ଦୂର ହେବ-** ଶରୀରରେ ଆଇରନ୍ କମ୍ ଥିଲେ ଚଣା ଖାଇବା ଦ୍ୱାରା ତାହା ଦୂର ହୋଇଥାଏ । ଚଣା ଖାଇବା ଦ୍ୱାରା ଏନିମିଆ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

## ଆଲମୀରା ନିକଟରେ ଝାଡୁ ରଖିବା ଉଚିତ ନୁହେଁ



ବାସ୍ତୁର ଏହି ନିୟମ ଗୁଡ଼ିକୁ ପାଳନ କରାଗଲେ ଧନ ସମ୍ବନ୍ଧୀୟ ସମସ୍ୟା ଦୂର ହେବା ସହ ଗୃହରେ ସୁଖଶାନ୍ତି ପ୍ରବେଶ କରିଥାଏ। ପୂର୍ବ ଦିଗରେ ଘରର ସମ୍ପତ୍ତି ଏବଂ ଆଲମୀରା ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। ଏପରି କରିବା ଦ୍ୱାରା ଧନସମ୍ପତ୍ତିର ବୃଦ୍ଧି ହୋଇଥାଏ। ଆଲମୀରାରେ ଟଙ୍କା ଓ ମୂଲ୍ୟବାନ ଜିନିଷ ରଖାଯାଏ। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଆଲମୀରା ନିକଟରେ ଝାଡୁ ରଖିବା ଉଚିତ ନୁହେଁ। ନକରାତ୍ମକ ଶକ୍ତି ଦୂର କରିବା ପାଇଁ ସପ୍ତାହ ଥରେ ପାଣିରେ ଲୁଣ ପକାଇ ନିଶ୍ଚୟ ଘର ପୋଛନ୍ତୁ। ଏପରି କରିବା ଦ୍ୱାରା ଘରେ ସୁଖଶାନ୍ତିର ଓ ସକରାତ୍ମକ ବାତାବରଣ ସର୍ବଦା ରହିଥାଏ। ପୂଜା ସ୍ଥାନ ଶୟନ କକ୍ଷରେ ରଖନ୍ତୁ ନାହିଁ। ଶୟନ କକ୍ଷରେ ପୂଜାସ୍ଥାନ ଥିଲେ ଘରେ କଳହ ଓ ଆର୍ଥିକ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥାଏ। ଝାଡୁ ଦାନ କଲେ ଅଶୁଭ ଫଳ ପ୍ରାପ୍ତି ହୋଇଥାଏ। ଗୃହର ଈଶାନ୍ୟ କୋଣରେ ଏକ ପାତ୍ରରେ ଲୁଣ ଭର୍ତ୍ତି କରି ରଖନ୍ତୁ। ଏପରି କରିବା ଦ୍ୱାରା ଘରେ ଟଙ୍କାପଇସାର ଅଭାବ ହୋଇନଥାଏ। ଘରର ଗାଧୁଆଘରର କବାଟ ଖୋଲା ରଖନ୍ତୁ ନାହିଁ। ଏପରି କରିବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

**ମହିଳାଙ୍କୁ ସମ୍ମାନ କରନ୍ତୁ :** ଯେଉଁ ଘରେ ମହିଳାଙ୍କୁ ସର୍ବଦା ସମ୍ମାନ ଦିଆଯାଏ, ସେଠାରେ ମା'ଲକ୍ଷ୍ମୀ ବାସ କରିଥାଆନ୍ତି। ଦମ୍ପତ୍ତିଙ୍କ ମଧ୍ୟରେ କଳହ ଲାଗି ରହୁଥିଲେ ଏହି ସମସ୍ୟାର ସମାଧାନ ପ୍ରଥମେ କରନ୍ତୁ। କାରଣ କଳହ ଲାଗି ରହିଲେ ମା'ଲକ୍ଷ୍ମୀ କୋପ କରିଥାଆନ୍ତି।

**ଶୁକ୍ରବାର ଦିନ ବ୍ରତ କରନ୍ତୁ :** ଶୁକ୍ରବାର ଦିନକୁ ମା'ଲକ୍ଷ୍ମୀଙ୍କ ଦିନ ବୋଲି କୁହାଯାଏ। ମା'ଙ୍କ ପାଇଁ ଏହି ବ୍ରତ ରଖି ପୂଜାର୍ଚ୍ଚନା କରିବା ଦ୍‌ୱାରା ମା'ଙ୍କ ବିଶେଷ କୃପା ମିଳିଥାଏ। ଘରେ ସର୍ବଦା ଧନସମ୍ପତ୍ତି ବୃଦ୍ଧି ହୋଇଥାଏ।

**ଗୃହର ବାସ୍ତୁ ଦୋଷ ଦୂର କରନ୍ତୁ :** ଘରର ବାସ୍ତୁ ସମସ୍ୟା ଥିଲେ ମା'ଲକ୍ଷ୍ମୀ ସେଠାରେ ବାସ କରି ନଥାଆନ୍ତି। ବାସ୍ତୁରେ ପ୍ରତ୍ୟେକ ଜିନିଷ ଦିଗ ନିର୍ଦ୍ଧାରିତ ହୋଇ ରହିଛି। ବାସ୍ତୁ ଅନୁଯାୟୀ ପ୍ରତ୍ୟେକ ନିୟମ ମାନି ଏହାର ପାଳନ କରିବା ଦ୍ୱାରା ଗୃହର ବାସ୍ତୁ ଦୋଷ ଦୂର ହୋଇଥାଏ ଓ ମା' ସେହି ଗୃହରେ ସର୍ବଦା ବାସ କରିଥାଆନ୍ତି।

**ଜାତକରେ ଶୁକ୍ରଗ୍ରହଙ୍କୁ ମଜଭୂତ ରଖନ୍ତୁ :** ଯେଉଁ ବ୍ୟକ୍ତିଙ୍କ ଜାତକରେ ଶୁକ୍ରଗ୍ରହ ସଠିକ ସ୍ଥିତି ଓ ଭଲ ଭାବେ ରହିଥାଆନ୍ତି, ତାଙ୍କ ଉପରେ ମା'ଙ୍କ ଆଶୀର୍ବାଦ ସର୍ବଦା ରହେ ଓ ସେହି ଗୃହରେ ମା'ବାସ କରିଥାଆନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଶୁକ୍ରଗ୍ରହକୁ ସୁଖସମୃଦ୍ଧିର ଗ୍ରହ କୁହାଯାଏ। ଶୁକ୍ରଙ୍କ ସ୍ଥିତି ଦୁର୍ବଳ ହେଲେ ଟଙ୍କାପଇସାର ସମସ୍ୟା ସୃଷ୍ଟି ହୁଏ।

## ବୈଜ୍ଞାନିକ ସିଦ୍ଧାନ୍ତ ଓ ଶ୍ରୀହରିଙ୍କ ଦଶାବତାର

ଭାରତୀୟ ପୌରାଣିକ ଗ୍ରନ୍ଥରେ ଏପରି କେତେକ ଆଖ୍ୟାନ ବର୍ଣ୍ଣିତ, ଯାହାସବୁ ବୈଜ୍ଞାନିକ ସିଦ୍ଧାନ୍ତ ଉପରେ ଆଧାରିତ । ପୌରାଣିକ କାହାଣୀ ସିଦ୍ଧ କରିଥାଏ ଯେ ବୈଦିକ କାଳରେ ବିଜ୍ଞାନ ଅତ୍ୟନ୍ତ ସମୃଦ୍ଧ



ଥିଲା। ଏହି ବୈଜ୍ଞାନିକ ଆଧାର ହିଁ ସାମାଜିକ ପରିବର୍ତ୍ତନର କାରଣ ସାଜିଥିବା ଦେଖିବାକୁ ମିଳିଥାଏ । ବିଶିଷ୍ଟ ବୈଜ୍ଞାନିକ ଚାର୍ଲସ୍ ଡାରଓ୍ୱିନ୍‌ଙ୍କ 'ବିବର୍ତ୍ତନବାଦ' ବିଷୟରେ ଗଭୀର ଭାବେ ଅଧ୍ୟୟନ କଲେ ଏଥିରେ ଭାରତୀୟ ପୌରାଣିକ କାହାଣୀଗୁଡ଼ିକ ସହ କେତେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ। ମନୁଷ୍ୟର କ୍ରମ ବିକାଶ ଜଟିଳ ଜୀବିତ ପ୍ରାଣୀଙ୍କ ଠାରୁ ହୋଇଛି । ଜଳଚର, ସ୍ଥଳଚର ଉଭୟଚର ଆଦି ପ୍ରାଣୀଙ୍କ ସୃଷ୍ଟି ତଥା ବିବର୍ତ୍ତନ ଏକ ପ୍ରାକୃତିକ ତଥା କ୍ରମିକ ପ୍ରକ୍ରିୟା ବୋଲି ଡାରଓ୍ୱିନ୍ କହିଛନ୍ତି । ଭଗବାନ ବିଷ୍ଣୁଙ୍କ ଦଶ ଅବତାର କଥା ନିଆଯାଉ । ସମଗ୍ର ସୃଷ୍ଟି ଜଳମଗ୍ନ ଥିବା ସମୟରେ ଶ୍ରୀହରି ପ୍ରଥମ ଅବତାର ନେଇଥିଲେ । ସେ ପ୍ରଥମେ ମତ୍ସ୍ୟ ଅବତାର ଧାରଣ କରିଥିଲେ। ସେତେବେଳକୁ ପୃଥିବୀ ନଷ୍ଟ ହୋଇସାରିଥିଲା। କିନ୍ତୁ ସେ ମନୁ ଏବଂ ଜୀବ ଓ ପାଦପ ଜଗତର କେତେକ ବିଶେଷ ବସ୍ତୁ ବଞ୍ଚାଇ ରଖିଥିଲେ । ଠିକ୍ ସେହିପରି ଶ୍ରୀହରିଙ୍କ ଅନ୍ତିମ ଅବତାର କଳ୍କି ହେବ । ସେ ଜନ୍ମ ନେବା ବେଳକୁ ସବୁକିଛି ନଷ୍ଟ ହୋଇସାରିଥିବ । ଶ୍ରୀହରି କ୍ରମଶଃ ମତ୍ସ୍ୟ, କଚ୍ଛପ, ବରାହ, ନରସିଂହ, ବାମନ, ପର୍ଶୁରାମ, ଶ୍ରୀରାମ, ଶ୍ରୀକୃଷ୍ଣ ଅବତାର ଧାରଣ କରିଥିଲେ। ସେ କଳ୍କୀ ଅବତାର ନେଲେ କଳିଯୁଗର ଅନ୍ତ ହୋଇଯିବ । ଭଗବାନ ବିଷ୍ଣୁଙ୍କ ଏହି ଅବତାର ସହିତ ଜୀବଜଗତର କ୍ରମବିକାଶ ନେଇ ରହିଥିବା ବୈଜ୍ଞାନିକ ଧାରଣା ସହିତ ମେଳ ଖାଇଯାଇଥାଏ ।

# ଦେଶକୁ ନୂତନ ଶିଖରକୁ ନେବାର ମାପକାଠି ହେଉଛି ଶିକ୍ଷା : ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୨।୬ (ମହାଭାରତ):** ଶିକ୍ଷା ହେଉଛି ଏପରି ମାଧ୍ୟମ ଯାହା କେବଳ ବ୍ୟକ୍ତିଗତ ଜୀବନକୁ ଉନ୍ନତ କରେ ନାହିଁ, ବରଂ ଦେଶକୁ ନୂତନ ଶିଖରକୁ ନେଇଥାଏ । ଏହି କଳ୍ପନାରେ ଜାତୀୟ ଶିକ୍ଷା ନୀତି ଅଧୀନରେ ବହୁମୁଖୀ, ଦକ୍ଷତା-ଆଧାରିତ ଏବଂ ନିଯୁକ୍ତି-ଆଧାରିତ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଯାଉଛି ବୋଲି ଗୁରୁବାର ରାଜସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଦିନିକିଆ ଗସ୍ତକାଳରେ ଶ୍ରୀ ପ୍ରଧାନ କେନ୍ଦ୍ର ରାଷ୍ଟ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଭାଗୀରଥ ଚୌଧୁରୀଙ୍କ ସହ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିଲେ। ଏହାବ୍ୟତୀତ ଜୟପୁରର ମଣିପାଲ ବିଶ୍ୱବିଦ୍ୟାଳୟରେ ନବନିର୍ମିତ ଅଧ୍ୟାପକ ହଲ୍ କମ୍ପ୍ଲେକ୍ସ ଉଦଘାଟନ କରିଥିଲେ ଶ୍ରୀ ପ୍ରଧାନ । ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ପଦକ ଏବଂ ଡିଗ୍ରୀ ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଥିଲେ, ଶିକ୍ଷାର ସ୍ୱଭାବ ହେଉଛି ନିରନ୍ତରତା – ଏହା ଏକ ସମାବର୍ତ୍ତନ ଉତ୍ସବ ନୁହେଁ, ବରଂ ଜୀବନବ୍ୟାପୀ ଶିକ୍ଷାର ଯାତ୍ରାରେ ଏକ ସ୍ମରଣୀୟ ଅବସର। ଏହି ଅବସର କେବଳ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଶୈକ୍ଷିକ ସଫଳତା ନୁହେଁ, ବରଂ ଦେଶ ନିର୍ମାଣ ପ୍ରତି ଜୀବନ ଏବଂ ପ୍ରତିବଦ୍ଧତାର ଦାୟିତ୍ୱର ସ୍ମରଣ କରାଇଥାଏ । ଆଜି ଭାରତ




ଏକ ସାମୂହିକ ସଂକଳ୍ପ ସହିତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ବର୍ଗରେ ସ୍ଥାନ ପାଇବା ଆଡ଼କୁ ଅଗ୍ରସର ହେଉଛି । ଜାତୀୟ ଶିକ୍ଷା ନୀତି ଅଧୀନରେ ବିଶ୍ୱମାନର ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଯାଉଛି । ବିଶ୍ୱ ଶିକ୍ଷା ସହଯୋଗକୁ ସୁଦୃଢ଼ କରିବା ପାଇଁ ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଭାରତରେ କ୍ୟାମ୍ପସ ସ୍ଥାପନ କରିବାକୁ ଅନୁମତି ଦିଆଯାଇଛି । ଏହି ବର୍ଗରେ ଏପର୍ଯ୍ୟନ୍ତ ଆଠଟି ବିଶ୍ୱବିଦ୍ୟାଳୟ ମଧ୍ୟ ପ୍ରତିଷ୍ଠିତ ହୋଇଛି।

ରାଜସ୍ଥାନର ପ୍ରତିଭାବାନ ଛାତ୍ରଛାତ୍ରୀମାନେ ଜେଇଇ ଏବଂ ନିଟ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷାରେ ନିରନ୍ତର ଭଲ ପ୍ରଦର୍ଶନ କରି ଦେଶର ଶିକ୍ଷାଗତ ଉତ୍କର୍ଷତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ଏହି ଭୂମି ଜ୍ଞାନ, ବିଜ୍ଞାନ, କଳା, ସାହିତ୍ୟ ଏବଂ ଚିନ୍ତାଧାରାର ମୂଳ ଉତ୍ସ ହୋଇଛି । ଆମକୁ ଏହି ପରମ୍ପରାକୁ ଏକ ଆଧୁନିକ ପଦ୍ଧତି ଏବଂ ନବସୃଜନ ସହିତ ଆଗକୁ ନେବାକୁ ପଡିବ । ଆଜି ଯେତେବେଳେ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବରେ ପରିଣତ ହୋଇଛି, ସେହି ସମୟରେ ଆମେ ବର୍ତ୍ତମାନର ଯୁବପିଢ଼ିର ନବସୃଜନ, ଦକ୍ଷତା ଏବଂ ନେତୃତ୍ୱରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବାର ଲକ୍ଷ୍ୟ ହାସଲ କରିବା ଆବଶ୍ୟକ । 'ବସୁଧୈବ କୁଟୁମ୍ବକମ୍' ଆଦର୍ଶ ସହିତ ଭାରତ ୧୪୦ କୋଟି ଭାରତୀୟ ଏବଂ ବିଶ୍ୱ ମାନବତାର ଲାଭ ପାଇଁ ଏକ ସମାଧାନ ପ୍ରଦାନକାରୀ ରାଷ୍ଟ୍ର ହେବା ଉଚିତ – ଏହା ଆମ ସମସ୍ତଙ୍କର ଦାୟିତ୍ୱ ଏବଂ ସଂକଳ୍ପ ବୋଲି ସେ କହିଥିଲେ।

# ଖୁବ୍‌ଶୀଘ୍ର ବୌଦ୍ଧରୁ ପୁରୁଣା କଟକକୁ ଗଡିବ ରେଳ

ହରଭଙ୍ଗା,୨୨।୬ (ମହାଭାରତ): ଦୀର୍ଘ ସାତ ମାସପରେ ଦ୍ୱିତୀୟ ଥର ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ମଙ୍ଗଳବାର ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା ରୋଡ୍ ଠାରୁ ବଲାଙ୍ଗୀର ନୂତନ ନିର୍ମାଣଧିନ ରେଳପଥର ସୋନପୁର ଠାରୁ ବୌଦ୍ଧ – ପୁରୁଣାକଟକ ରେଳ ଷ୍ଟେସନ ପର୍ଯ୍ୟନ୍ତ ନୀରିକ୍ଷଣ କରିଛନ୍ତି । ସୋନପୁର ପାର୍ଶ୍ୱରୁ ମହାପ୍ରବନ୍ଧକ ଏକ ସ୍ୱତନ୍ତ୍ର ନିରୀକ୍ଷଣ ରେଳ କାରରେ ଆସି ଅପରାହ୍ନ ପ୍ରାୟ ୧.୩୦ ସମୟରେ ବୌଦ୍ଧ ରେଳ ଷ୍ଟେସନରେ ପହଞ୍ଚିଥିଲେ । ସେଠାରେ ମଧ୍ୟାହ୍ନଭୋଜନ ସାରି ପ୍ରସ୍ତାବିତ ଉଦଘାଟନକାର୍ଯ୍ୟ ନିମନ୍ତେ ଷ୍ଟେସନ ସମ୍ମୁଖ ପଡିଆ ସହିତ ବୌଦ୍ଧ କଚେରୀପଡିଆ ଏବଂ ଷ୍ଟାଡିୟମ ପରିଦର୍ଶନ କରିଥିଲେ ।ପାଖାପାଖି ୪ଟାବେଳେ ବୌଦ୍ଧ ଷ୍ଟେସନରୁ ପୁରୁଣା-କଟକ ଷ୍ଟେସନ ନିରୀକ୍ଷଣ ପାଇଁ ସ୍ୱତନ୍ତ୍ର ରେଳରେ ପହଞ୍ଚିଥିଲେ । ଆସିବା ବାଟରେ ୪୭୬ ନମ୍ବର ବ୍ରିଜ ପାଖରେ ୧୦ ମିନିଟ ନିରୀକ୍ଷଣ କରିବା ସହିତ ପୁରୁଣାକଟକ ଷ୍ଟେସନ ବିଲଡିଂ ସହିତ ଟିକେଟ କାଉଣ୍ଟର, ଅନ୍ୟାନ୍ୟ ହଲ ଏବଂ ସମ୍ମୁଖ ଭାଗ ନୀରିକ୍ଷଣ କରିବା ସହିତ ନିର୍ମାଣଦାୟିତ୍ୱରେ ଥିବା ମୁଖ୍ୟଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ମହାପ୍ରବନ୍ଧକ ରେଳଲାଇନ କାର୍ଯ୍ୟ ନିରୀକ୍ଷଣ କରିବା ସହିତ ସମୟନୁସାରେ କାର୍ଯ୍ୟ ସମ୍ପାଦନ ଦିଗରେ ଗୁରତ୍ୱାରୋପ କରିଥିଲେ । ବକେୟା ଥିବା ନିର୍ମାଣ କାର୍ଯ୍ୟ ଅଗ୍ରଗ୍ରତି ଉପରେ ସମୀକ୍ଷା କରିବା ସହିତ ଗୁଣବତ୍ତା ଏବଂ ସୁରକ୍ଷା ମାନଦଣ୍ଡ ବଜାୟ ରଖିବାକୁ କଡା ନିର୍ଦ୍ଦେଶ ଦେଇଥିଲେ । ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନିର୍ମାଣକାର୍ଯ୍ୟ ଉପରେ ସମୀକ୍ଷା କରିବା ସହିତ ସମୟସୀମା ମଧ୍ୟରେ ସମାପ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ ।ମହାପ୍ରବନ୍ଧକଙ୍କ ଗସ୍ତ ସମୟରେ ତାଙ୍କ ସହିତ ପୂର୍ବତଟ ରେଳପଥ ମୁଖ୍ୟ ପ୍ରସାଶନିକ ଅଧିକାରୀ ଏ.ଜି ଶ୍ରୀନିବାସ,ମୁଖ୍ୟଯନ୍ତ୍ରୀ ଅଜୟ କୁମାର ସାମଲ,ପ୍ରମୁଖ ଉପସ୍ଥିତ ଥିଲେ । ଗତ ମାର୍ଚ୍ଚ ୨୫ ଏବଂ ୨୬ ତାରିଖରେ ବୌଦ୍ଧ ,ବୀରନରସିଂହପୁର ଏବଂ ପୁରୁଣାକଟକ ପର୍ଯ୍ୟନ୍ତ ରେଳବିଭାଗ ପକ୍ଷରୁ ଦୁଇଦିନିଆ ସି.ଆର.ଏସ(କମିଶନର ଅଫ ରେଳ ସେଫଟି) କାର୍ଯ୍ୟ ସରିଥିଲା ।ପାଖାପାଖି ଅଢେଇମାସ ପରେ ପୂର୍ବତଟ ରେଳ ମହାପ୍ରବନ୍ଧକଙ୍କ ଆଜି ନିର୍ମାଣକାର୍ଯ୍ୟର ଅଗ୍ରଗତି ଉପରେ ଫାଇନାଲ ନିରୀକ୍ଷଣ କରିଥିବା ଜଣାପଡିଛି ।ଯାହାଫଳରେ ଖୁବ୍ କମଦିନ ମଧ୍ୟରେ ସୋନପୁର ପାର୍ଶ୍ୱରୁ ବୌଦ୍ଧ ଠାରୁ ପୁରୁଣାକଟକ ପର୍ଯ୍ୟନ୍ତ ଯାତ୍ରୀବାହୀ ରେଳଚଳାଚଳ ହେବ ବୋଲି ମୁଖ୍ୟଯନ୍ତ୍ରୀ ଅଜୟ କୁମାର ସାମଲ ସୂଚନା ଦେଇଛନ୍ତି ।

# ଯୋଗ ପ୍ରାଚୀନ ଭାରତୀୟ ପରମ୍ପରାର ଏକ ଅମୂଲ୍ୟ ଉପହାର : ମନମୋହନ

**ଭୁବନେଶ୍ୱର,୨୨।୬ (ମହାଭାରତ):** ଯୋଗ ପ୍ରାଚୀନ ଭାରତୀୟ ପରମ୍ପରାର ଏକ ଅମୂଲ୍ୟ ଉପହାର। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚେଷ୍ଟା ଯୋଗୁ ୫ହଜାର ବର୍ଷର ପ୍ରାଚୀନ ଯୋଗ ସାରା ବିଶ୍ୱରେ ସ୍ୱିକୃତୀ ଲାଭ କରିଛି। ୨୦୧୪ ଡିସେମ୍ବର ୧୧ତାରିଖ ଦିନ ମିଳିତ ଜାତିସଂଘ 'ଯୋଗ'କୁ ମାନ୍ୟତା ଦେବା ସହ ଜୁନ୍ ୨୧କୁ 'ଆନ୍ତର୍ଜାତିକ ଯୋଗ ଦିବସ'ର ମାନ୍ୟତା ପ୍ରଦାନ କରିଥିଲେ । ମାନସିକ, ଶାରୀରିକ ସୁସ୍ଥତା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ। ଏହା ହେଉଛି ଶରୀର ଓ ମନ ଭିତରେ ସମନ୍ୱୟ ସ୍ଥାପନ କରିବାର ଅନନ୍ତ ମାଧ୍ୟମ। ସୁସ୍ଥ, ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଯୋଗକୁ ନିଜର ଦୈନନ୍ଦିନ ଜୀବନରେ ସାମିଲ କର। ଯୋଗର ନିୟମିତ ଅଭ୍ୟାସ ମଣିଷ ମଧ୍ୟରେ ନୂତନ ଆତ୍ମଚେତନା ଜାଗ୍ରତ କରେ। ଏନେଇ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସଭିଏଁ ଯୋଗ କରିବା ଜରୁରୀ ବୋଲି ୧୧ତମ ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।




ଶ୍ରୀ ସାମଲ କହିଛନ୍ତି ଯେ, ଚଳିତ ବର୍ଷ ଯୋଗ ଦିବସ ଶୀର୍ଷକ ହେଉଛି 'ଗୋଟିଏ ପୃଥିବୀ, ଗୋଟିଏ ସ୍ୱାସ୍ଥ୍ୟ ପାଇଁ ଯୋଗନ୍ତ ରଖାଯାଇଛି। ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ଯୋଗକୁ ଗ୍ରହଣ କରିବା ଦ୍ୱାରା ଭାରତର ଏହି ପ୍ରାଚୀନ ପରମ୍ପରା ଆଜି ଏକ ମହାପର୍ବରେ ପରିଗଣିତ ହେଉଛି। ଯୋଗ ଦ୍ୱାରା ବ୍ୟକ୍ତି କର୍ମଚଂଚଳ ହେବା ସହ ପ୍ରଫୁଲ୍ଲଚିତ ଅନୁଭବ କରେ। ନିୟମିତ ଯୋଗ କରିବା ଦ୍ୱାରା ଅନେକ ରୋଗବ୍ୟାଧିରୁ ମୁକ୍ତି ମିଳେ। ଏନେଇ ଆଜିର ବ୍ୟସ୍ତବହୁଳ ଜୀବନରେ ନିୟମିତ ଯୋଗ କରିବା ନିତ୍ୟାନ୍ତ ଜରୁରୀ। ଏହାକୁ ଆହୁରି ଅଧିକ ପ୍ରଭାବଶାଳୀ କରିବା ପାଇଁ କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଜ୍ୟରେ ଶ୍ରୀ ମୋହନ ମାଝୀଙ୍କ ସରକାର ନିରନ୍ତର ଭାବେ ପ୍ରୋତ୍ସାହିତ କରୁଛନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି।

ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟପାଲ ସିଂ ତୋମାର ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଉଦ୍ୟମ ଯୋଗୁ ସାରା ବିଶ୍ୱରେ ଏବେ ଯୋଗଦିବସ ପାଳନ କରାଯାଉଛି ବୋଲି କହିଥିଲେ। ଯୋଗ କରି ସମସ୍ତେ ସୁସ୍ଥ, ନିରୋଗ ଓ ଖୁସି ରହିବାକୁ ସେ କାମନା କରିଥିଲେ। ଯୋଗ ଦିବସରେ ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ, ସ୍ୱଚ୍ଛ ଭାରତ ଅଭିଯାନ ସଂଯୋଜକ ମହେଶ ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ନିରନ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ରାଜ୍ୟର ସମସ୍ତ ପୌରାଂଚଳ ଓ ବିଭିନ୍ନ ପଂଚାୟତରେ ବିଜେପି କାର୍ଯ୍ୟକର୍ତାମାନେ ଉପସ୍ଥିତ ରହି ଯୋଗ ଦିବସ ପାଳନ କରିଛନ୍ତି।

# ରାଜଭବନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ଭୁବନେଶ୍ୱର,୨୨।୬ (ମହାଭାରତ):** ରାଜଭବନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଚଳିତ ଜୁନ ୨୧ ତାରିଖ ସକାଳେ ନ୍ୟୁ ଅଭିଷେକ ହଲ୍ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ସାମିଲ ହେବା ସହ ଯୋଗ ଅଭ୍ୟାସ କରିଥିଲେ। ଚଳିତ ବର୍ଷ ଏକ ପୃଥିବୀ ଏବଂ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ଶୀର୍ଷକକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତଙ୍କ ସମେତ ରାଜଭବନର ଅଧିକାରୀ/ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।



ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଯୋଗ କେବଳ ଏକ ଶାରୀରିକ କାର୍ଯ୍ୟକଳାପ ନୁହେଁ, ଏହା ଏକ ଜୀବନଶୈଳୀ ଯାହା ଅନ୍ତରରେ ଶାନ୍ତି, ସ୍ଥିରତା ଏବଂ ଆତ୍ମ-ସଚେତନତାକୁ ଜାଗ୍ରତ କରେ। ପ୍ରାଚୀନ ଭାରତୀୟ ଜ୍ଞାନର ମୂଳ ଯୋଗ ଶରୀର, ମନ ଏବଂ ଆତ୍ମାରେ ସମନ୍ୱୟ ଆଣେ ଏବଂ ପ୍ରକୃତି ସହିତ ଆମର ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି କହିବା ସହିତ ଯୋଗ ପରି କାଳଜୟୀ ଅଭ୍ୟାସ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସନ୍ତୁଳିତ ଜୀବନ ଆଡକୁ ମାର୍ଗଦର୍ଶନ କରିବ ବୋଲି ରାଜ୍ୟପାଳ କହିଛନ୍ତି।

ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବାପାଇଁ ଯୋଗର ଆବଶ୍ୟକତା ଏବଂ ଏହାର ବିଭିନ୍ନ ପଦ୍ଧତି ସମ୍ପର୍କରେ ଯୋଗ ପ୍ରଶିକ୍ଷକ ଅଜିତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଡ଼. ସୁଶୀଲ ପଟ୍ଟନାୟକ ଏବଂ କ୍ରିତିଷ୍ଣା ମହାପାତ୍ର ଯୋଗ ଶିକ୍ଷା ପ୍ରଦାନ କରିଥିଲେ।

# ଟାଇମ୍‌ସ ହାୟର ଏଜୁକେସନ୍ ଇଂପାକ୍ଟ ର୍‌ୟାଙ୍କିଂରେ କିଟ୍ ଦେଶରେ ୫ମ

**ଭୁବନେଶ୍ୱର,୨୨।୬ (ମହାଭାରତ):** ଟାଇମ୍ସ ହାୟର ଏଜୁକେସନ (ଟିଏଚଇ) ଏକ ସର୍ଜନାତ୍ମକ ପଦ୍ଧତିରେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ସାମାଜିକ ପ୍ରଭାବ କଣ ଅଛି ତାର ମୂଲ୍ୟାଙ୍କନ କରି ର୍‌ୟାଙ୍କ ପ୍ରଦାନ କରିଥାଏ। ଏହି ପରିପ୍ରେକ୍ଷୀରେ ବିଶ୍ୱର ଯେଉଁ ବିଶ୍ୱବିଦ୍ୟାଳୟଗୁଡିକ ସାମାଜିକ ପ୍ରଭାବ ଉପରେ କାର୍ଯ୍ୟ କରନ୍ତି ସେହି ଅନୁଷ୍ଠାନଗୁଡିକ ଏଥିରେ ଅଂଶଗ୍ରହଣ କରନ୍ତି। କିଟ୍ ଏହି ର୍‌ୟାଙ୍କିଙ୍ଗରେ ପ୍ରତିବର୍ଷ ଅଂଶଗ୍ରହଣ କରିଥାଏ। ଏଥିରେ ଉନ୍ନତ ପ୍ରଦର୍ଶନ କରି ପ୍ରତିବର୍ଷ କିଟ୍‌ର ସ୍ଥାନ ଉପରକୁ ଉଠିଥାଏ। ଚଳିତବର୍ଷ ମଧ୍ୟ କିଟ୍ ଟାଇମ୍ସ ହାୟର ଏଜୁକେସନ ଇମ୍ପାକ୍ଟ ଗ୍ଲୋବାଲ ର୍‌ୟାଙ୍କିଂ ୨୦୨୫ରେ କିଟ୍ ବହୁତ ଭଲ ପ୍ରଦର୍ଶନ କରିଛି। ୩ ଟି ମାନଦଣ୍ଡ ଆଧାରରେ ଚଳିତ ବର୍ଷ କିଟ୍ ବେଶ ପ୍ରଭାବୀ ର୍‌ୟାଙ୍କ ହାସଲ କରିଛି। ଅସମାନତା ହ୍ରାସ (ଏସ୍‌ଡିଜି-୧୦) ଓ ଶାନ୍ତି, ନ୍ୟାୟ ଏବଂ ସଶକ୍ତ ପ୍ରତିଷ୍ଠାନ (ଏସ୍‌ଡିଜି-୧୬), ସୁଲଭ ଓ ସ୍ୱଚ୍ଛ ଉର୍ଜା (ଏସ୍‌ଡିଜି-୭)ରେ ଦେଶର ପ୍ରଥମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ଗୁଣାତ୍ମକ ଶିକ୍ଷା (ଏସ୍‌ଡିଜି-୪)ରେ ଭାରତରେ କିଟ୍ ୩ୟ ସ୍ଥାନରେ ରହିଛି।



ଇମ୍ପାକ୍ଟ ର୍‌ୟାଙ୍କିଂରେ ସାମଗ୍ରିକ ଭାବେ କିଟ୍ ବିଶ୍ୱବିଦ୍ୟାଳୟ ସମସ୍ତ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରେ ୫ମ ସ୍ଥାନରେ ରହିଛି। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)କୁ ଆଗକୁ ନେବାରେ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଦର୍ଶନ ଉପରେ ମୂଲ୍ୟାଙ୍କନ ଆଧାରରେ ଚଳିତବର୍ଷ ବିଶ୍ୱର ୧୩୦ଟି ଦେଶର ପ୍ରାୟ ୨୪ଶହରୁ ଅଧିକ ଖ୍ୟାତି ସଂପନ୍ନ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ କିଟ୍ ବିଶ୍ୱରେ ୧୦୧ କୋହର୍ଟରେ ରହିଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍‌ର ସଫଳତା ଉପରେ ନିଜ ପ୍ରତିକ୍ରିୟାରେ କହିଛନ୍ତି, କିଟ୍ ଏକ ଛୋଟ ଅନୁଷ୍ଠାନରୁ ଆରମ୍ଭ ହୋଇଥିଲା ବେଳେ ଏହା ବିଶ୍ୱର ସମସ୍ତ ଅନୁବନ୍ଧନ ଓ ର୍‌ୟାଙ୍କିଂରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏବେ କିଟ୍ ବିଶ୍ୱର ସମସ୍ତ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଛି।

# ଆଶାକର୍ମୀଙ୍କୁ ମାଡ଼

**ନୟାଗଡ,୨୨।୬ (ମହାଭାରତ):** ଗାଁ ଦାଣ୍ଡରେ ଆଶାକର୍ମୀଙ୍କୁ ଉଲଗ୍ନ କରି ଗାଲିଗୁଲଜ ସହ ଆକ୍ରମଣ ଅଭିଯୋଗ। ଆଶାକର୍ମୀଙ୍କୁ ବଞ୍ଚାଇବାକୁ ଯାଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅଞ୍ଚଳରେ ଘଟିଛି ଅଭାବନୀୟ ଘଟଣା। ଗାଁରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଆଶାକର୍ମୀ ଜଣକ ଔଷଧ ଦେବାକୁ ଯାଇଥିବାବେଳେ କିଛି ଅସାମାଜିକ ବ୍ୟକ୍ତି ଗାଁ ଦାଣ୍ଡରେ ତାଙ୍କୁ ପ୍ରଥମେ ଅସଦାଚରଣ କରିଥିଲେ। ପରେ ତାଙ୍କୁ ଉଲଗ୍ନ କରି ମାଡ଼ ମାରିଥିଲେ। ଆଶାକର୍ମୀଙ୍କୁ ବଞ୍ଚାଇବାକୁ ଯାଇ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଉଭୟ ଆଶାକର୍ମୀ ଓ ଯୁବକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏନେଇ ଆଶାକର୍ମୀ ଜଣକ ଫତେଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ଫତେଗଡ଼ ଥାନା ପୁଲିସ ବିଳମ୍ବିତ ରାତିରେ ପାର୍ବତୀପୁର ଗ୍ରାମରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରିବାପାଇଁ ଚଢ଼ାଉ ଆରମ୍ଭ କରିଥିବା ଜଣାପଡିଛି।

# ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ

**ଭୁବନେଶ୍ୱର,୨୨।୬ (ମହାଭାରତ):** ଖୋର୍ଦ୍ଧା ରୋଡ ମଣ୍ଡଳ ପକ୍ଷରୁ ପୂର୍ବ ତଟ ରେଳବାଇ ସ୍ପୋର୍ଟସ୍ ଆସୋସିଏସନ୍ ଷ୍ଟାଡିୟମ୍, ଖୋର୍ଦ୍ଧା ରୋଡ ଠାରେ ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ବିଷୟବସ୍ତୁ ସହିତ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା। ଏହି ବିଷୟବସ୍ତୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ଆମ ଗ୍ରହର ସ୍ୱାସ୍ଥ୍ୟ ମଧ୍ୟରେ ସମ୍ପର୍କକୁ ସୂଚିତ କରେ।

ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱାଙ୍କ ସହିତ ଶ୍ରୀ ପି.କେ.ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ୍), ଶୁଭ୍ରା ଜ୍ୟୋତି ମଣ୍ଡଳ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍ଫ୍ରା) ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନରେ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କୁ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ ପ୍ରତିଦିନ ଯୋଗ ଅଭ୍ୟାସ କରିବାକୁ ଉତ୍ସାହିତ କରାଯାଇଥିଲା, ଏବଂ ଯୋଗ ସମସ୍ତଙ୍କ ଜୀବନରେ ସନ୍ତୁଳନ, ସ୍ୱଚ୍ଛତା, ଏକାଗ୍ରତା ଏବଂ ସକାରାତ୍ମକତା ଭାବନା ଆଣିଥାଏ।



ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡକ୍ଟର ଜ୍ଞାନେନ୍ଦ୍ର କୁମାର ମିଶ୍ର ଏବଂ ପୁରୀର ଦିବ୍ୟ ଯୋଗ ତାଲିମ ଏବଂ ଚିକିତ୍ସା କେନ୍ଦ୍ରର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପରାମର୍ଶଦାତା ଶ୍ରୀମତୀ ମଧୁସ୍ମିତା ଦାଶ ଉପସ୍ଥିତ ରହି ଲୋକମାନଙ୍କୁ କିଛି ଯୋଗ ଆସନ ଏବଂ ପ୍ରାଣାୟମ ସହିତ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗର ଗୁରୁତ୍ୱ ବୁଝାଇଥିଲେ। ସମସ୍ତେ ସୁସ୍ଥ ସମାଜ ଏବଂ ସୁସ୍ଥ ରାଷ୍ଟ୍ର ଗଠନ ପାଇଁ ସୁସ୍ଥ ନାଗରିକ ହେବା ପାଇଁ ଯୋଗ ଅଭ୍ୟାସ କରିବାକୁ ପ୍ରତିଜ୍ଞା ନେଇଥିଲେ। ଏହି ଅବସରରେ ଶ୍ରୀ ଏଚ୍.ଏସ୍. ବାଜୱା ଯୋଗ ପ୍ରତିଯୋଗିତାର ବିଜେତାମାନଙ୍କୁ ନଗଦ ପୁରସ୍କାର ଏବଂ ଯୋଗ୍ୟତା ପ୍ରମାଣପତ୍ର ବଣ୍ଟନ କରିଥିଲେ।

ଆନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ, ଖୋର୍ଦ୍ଧା ରୋଡ ଡିଭିଜନ ପକ୍ଷରୁ, ଯୋଗର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଡିଭିଜନର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଯୋଗ ଅଧିବେଶନ, ସେମିନାର, କର୍ମଶାଳା, ବକ୍ତୃତା, ପ୍ରତିଯୋଗିତା ଇତ୍ୟାଦି ଆୟୋଜନ କରିଥିଲା।

ଖୋର୍ଦ୍ଧା ରୋଡ୍ ଡିଭିଜନର ବିଭିନ୍ନ ରେଳ ଷ୍ଟେସନର କର୍ମଚାରୀମାନଙ୍କ ଦ୍ୱାରା ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧାରୋଡ଼ ବରିଷ୍ଠ କାର୍ମିକ ଅଧିକାରୀ ଶ୍ରୀଯ ଆର.ଏନ୍.ଏ.ପରିଡ଼ା ପରିଚାଳନା କରିଥିଲେ।

# ବିଶ୍ୱନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ ପାଳନ ବୈଠକ

**ବ୍ରହ୍ମପୁର,୨୨।୬ (ମହାଭାରତ):** ଓଡ଼ିଶାର ପ୍ରଖ୍ୟାତ କମ୍ୟୁନିଷ୍ଟ ନେତା, ସ୍ୱାଧୀନତା ସଂଗ୍ରାମୀ ତଥା ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀର ଦୁଇ ଥର ବିଧାୟକ ବିଶ୍ୱନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ ପାଳନ ଉପଲକ୍ଷେ ବ୍ରହ୍ମପୁର ଠାରେ ଏକ ରାଜ୍ୟସ୍ତରୀୟ ସ୍ମୃତି କମିଟି ଗଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଭଗବାନ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ନବଗଠିତ ଏହି ଶତବାର୍ଷିକୀ ସ୍ମୃତି କମିଟିରେ ପ୍ରଫୁଲ୍ଲ ସାମନ୍ତରା ସଭାପତି, ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡି ସମ୍ପାଦକ, ବରିଷ୍ଠ ସାମ୍ବାଦିକ ରବି ରଥ ଉପସଭାପତି ଏବଂ ଆଇନଜୀବୀ ଅବନୀଗୟା ସହସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମାଜବିଜ୍ଞାନୀ ଭଗବାନ ସାହୁ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ସିପିଆଇର ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ସିପିଏମ୍ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ବାମପନ୍ଥୀ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ, କଂଗ୍ରେସ ନେତା ଦୀପକ ପଟ୍ଟନାୟକ, ସିପିଆଇର ଗୋକୁଳଚନ୍ଦ୍ର ପଣ୍ଡା, ଏନ୍



ଭାନୁମତୀ, ପ୍ରଗତିଶୀଳ ଲେଖିକା ଡ. ବିଧୁପ୍ରଭା ରଥ, ଆପ୍ ଜିଲ୍ଲା ସଭାପତି ସୁବାସ ରାଉତ, ଲୋକନାଥ ପରିଡ଼ା, ବୃନ୍ଦାବନ ଖଟେଇ, ଗାଗାରିନ ନାୟକ, ବୃନ୍ଦାବନ ପଣ୍ଡା, ରବୀନ୍ଦ୍ର ନାୟକ ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। ସେହିପରି ସ୍ମରଣିକା କମିଟିରେ ମୁଖ୍ୟ ଭାବେ ସୁଧୀର ପଟ୍ଟନାୟକ ଏବଂ ସଦସ୍ୟ ଭାବେ ସର୍ବଶ୍ରୀ ବିଘ୍ନେଶ୍ୱର ସାହୁ, ବରିଷ୍ଠ ସାମ୍ବାଦିକ ବି.ଚନ୍ଦ୍ରଶେଖର ରାଓ ପଟ୍ଟନାୟକ, ପ୍ରକାଶ ପାଣିଗ୍ରାହୀ, ଅଜିତ ସାହୁ, ଡ. ଲକ୍ଷ୍ମୀନାରାୟଣ ଦାଶ ପ୍ରମୁଖ ରହିଛନ୍ତି।

# ଆସିଲେନି ଡାକ୍ତର ଫେରିଲେ ରୋଗୀ

**ନିଶ୍ଚିନ୍ତକୋଇଲି,୨୨।୬ (ମହାଭାରତ):** ଗ୍ରାମାଂଚଳରେ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ସରକାର ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟମିଶନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ର ର ଅବସ୍ଥା ପରିବର୍ତନ କରିଥିଲା ବେଳେ ରୋଗୀଙ୍କୁ ମାଗଣାରେ ଔଷଧ ପତ୍ର ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଏପରିସ୍ଥଳେ ଆଜି ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଡାକ୍ତର ନଆସିବାରୁ ଶତାଧିକ ରୋଗୀ ନିରାଶରେ ଫେରିବାକୁ ବାଧ ହୋଇଛନ୍ତି। ଏହାର ଏକ ନଗ୍ନ ନମୁନା ସାନ୍ତପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ସାନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିତ୍ସା ନିମନ୍ତେ ସ୍ଥାନୀୟ ସାନ୍ତପୁର ,ବନ୍ଧୁପୁର, ପାଳଦା,କଳମିଶ୍ରୀ, ଜନାର୍ଦ୍ଦନପୁର ଇତ୍ୟାଦି ବହୁ ପଂଚାୟତର ଲୋକେ ନିର୍ଭର କରିଥାନ୍ତି। ତେବେ ଆଜି ଏହି ଡାକ୍ତରଖାନାକୁ ଶତାଧିକ ରୋଗୀ ଚିକିତ୍ସା ନିମନ୍ତେ ଆସିଥିଲେ। କିନ୍ତୁ ଦାୟୀତ୍ୱରେ ଥିବା ଡାକ୍ତର ଆସିନଥିଲେ। ଫଳରେ ବହୁ ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ରୋଗୀମାନେ ଉପଯୁକ୍ତ ଚିକିତ୍ସା ସୁବିଧା ନପାଇ ନିରାଶରେ ଫେରିବାକୁ ବାଧ ହୋଇଥିଲେ। ତେବେ ଏହି ଡାକ୍ତରଖାନାରେ ବାରମ୍ବାର ଏଭଳି ଅଘଟଣ ଘଟୁଥିବା କାରଣରୁ ସ୍ଥାନୀୟ ଅଂଚଳରେ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇନପାରି ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି ବ୍ଲକ ଅଂଚଳରେ କାର୍ଯ୍ୟରତ ଡାକ୍ତରମାନେ ସରକାରଙ୍କ ଠାରୁ ପ୍ରତିମାସରେ ମୋଟା ଅଙ୍କର ଦରମା ନେଉଥିଲା ବେଳେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏପରିକି ଏହି ଡାକ୍ତରମାନେ ସରକାରୀ ଡାକ୍ତରଖାନା ପରିବର୍ତେ ବେସରକାରୀ ନର୍ସିହୋମ,ହସପିଟାଲ ମାନଙ୍କରେ କାର୍ଯ୍ୟକରି ମୋଟା ଅଙ୍କର ଅର୍ଥ ଲୋଭରେ ବହୁ ସମୟ ଦେଉଥିବା ଅଭିଯୋଗ ହୋଇଛି। ଫଳରେ ସରକାରୀ ଡାକ୍ତରଖାନାକୁ ବହୁ ରୋଗୀ ଆସି ସ୍ୱାସ୍ଥ୍ୟସେବା ନପାଇ ନିରାଶରେ ଫେରିବାକୁ ବାଧ ହେଉଛନ୍ତି।

# ଅନୁପ୍ରବେଶ ବୃଦ୍ଧି ପାଇଛି

ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ହେବା ପରେ ଅନୁପ୍ରବେଶ ଅତି ମାତ୍ରାରେ ବୃଦ୍ଧି ପାଇଛି ଏବଂ ଏହା ଏକ ପ୍ରକାର ବିସ୍ଫୋରକ ପରିସ୍ଥିତି ସୃଷ୍ଟି କଲାଣି। ମମତାଙ୍କ ସଂଖ୍ୟାଲଘୁ ତୁଷ୍ଟିକରଣ ନୀତି, ଭୋଟ ବ୍ୟାଙ୍କ ରାଜନୀତି, ମିଛ ଧର୍ମନିରପେକ୍ଷତା ପାଇଁ ଆଜି ଏହି ପରିସ୍ଥିତି ସୃଷ୍ଟି ହୋଇଛି। ମମତା ଯାହା କରୁଛନ୍ତି ତାହା ଏକ ଦେଶବିରୋଧୀ କାର୍ଯ୍ୟ। ଆଜି ନହେଲେ କାଲି ଏହା ଭାରତ ପାଇଁ ବିରାଟ ସମସ୍ୟା ଭାବେ ଉଭା ହେବ। ବର୍ତ୍ତମାନ ପଶ୍ଚିମବଙ୍ଗ ଆଉ ଏକ ବଙ୍ଗଳାଦେଶ ଏବଂ ମମତାଙ୍କ ଟିଏମସି ଆଉ ଏକ ମୁସଲିମ ଲିଗ ଭଳି ମନେ ହେଉଛି। ନିକଟରେ ଅସାଦୁଦ୍ଦିନ ଓୱେସିଙ୍କ ଦଳର ବରିଷ୍ଠ ନେତା ଇମ୍ରାନ ସୋଲାଙ୍କୀ କହିଛନ୍ତି ଯେ, ପଶ୍ଚିମବଙ୍ଗ ବିଧାନସଭା ଲାଗି ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବା ନିର୍ବାଚନରେ ତାଙ୍କ ଦଳ ଏଆଇଏମଆଇଏମ ସବୁ ଆସନରେ ପ୍ରାର୍ଥୀ ଦେବ। ସେ କହିଛନ୍ତି ଯେ, ରାଜ୍ୟ ଜନସଂଖ୍ୟାରେ ହାରାହାରି ୪୦% ଏବେ ମୁସଲିମ। ତେଣୁ ନିର୍ବାଚନରେ ତାଙ୍କ ଦଳକୁ ନିଶ୍ଚିତ ଭାବେ ବିପୁଳ ସଫଳତା ମିଳିବ। ତାଙ୍କର ଏହି କଥାରୁ ପରିସ୍ଥିତି କେତେ ଗମ୍ଭୀର ତାହା ସହଜରେ ଅନୁମେୟ। ପଶ୍ଚିମବଙ୍ଗରେ ମୋଟ ଜନସଂଖ୍ୟାର ୪୦% ଯଦି ବାସ୍ତବରେ ମୁସଲମାନ ହୋଇଥିବେ ତେବେ ଏଥିପାଇଁ ମମତା ଦାୟୀ। କାଲି ଏହା ୫୦ ପ୍ରତିଶତ ଟପିପାରେ। ଏହା ଫଳରେ ପଶ୍ଚିମବଙ୍ଗ ଆଉ ଏକ ବାଂଲାଦେଶରେ ପରିଣତ ହେବା ବା ଏହା ବାଂଲାଦେଶରେ ମିଶିଯିବା ଅସମ୍ଭବ ନୁହେଁ। ଏଥିପାଇଁ ଯେଉଁମାନେ ଦାୟୀ, ଯେଉଁମାନେ ମିଛ ଧର୍ମନିରପେକ୍ଷତାର ଖୋଳପାରେ ରହି ନିଜ ବ୍ୟକ୍ତିଗତ ଫାଇଦା ପାଇଁ ଦେଶକୁ ବିପଦକୁ ଠେଲି ଦେଉଛନ୍ତି ସେମାନଙ୍କୁ ଇତିହାସ କେବେ କ୍ଷମା ଦେବନି। ଏଆଇଏମଆଇଏମ ହେଉଛି ଏକ ସାମ୍ପ୍ରଦାୟିକ ଦଳ। ଏହା ମୁସଲମାନ ଭୋଟ ବ୍ୟାଙ୍କ ଉପରେ ନିର୍ଭରଶୀଳ। କିନ୍ତୁ କଂଗ୍ରେସ, ଟିଏମସି ଭଳି ଦଳମାନେ ଏହାକୁ କେବେ ସମାଲୋଚନା କରିବା ଦେଖିବାକୁ ମିଳିନି। କାରଣ ହେଲା ସଂଖ୍ୟାଲଘୁ ତୁଷ୍ଟିକରଣ। ପଶ୍ଚିମବଙ୍ଗରେ ମୋଟ ଜନସଂଖ୍ୟାର ୪୦% ଯଦି ମୁସଲମାନ , ତେବେ ଏଥିରେ ଏଆଇଏମଆଇଏମ ଖୁସି ହେବାର କାରଣ ହେଲା ଏହାଦ୍ୱାରା ଦଳ ଫାଇଦା ପାଇବ ବୋଲି ଆଶା କରୁଛି। କାରଣ ଅସାଦୁଦ୍ଦିନଙ୍କ ଦଳକୁ କେବଳ ମୌଳବାଦୀ ଚିନ୍ତାଧାରା ରଖିଥିବା ମୁସଲମାନ ମାନେ ହିଁ ଭୋଟ ଦିଅନ୍ତି। ଯଦି ପଶ୍ଚିମବଙ୍ଗରେ ବାସ୍ତବରେ ଏଆଇଏମଆଇଏମ ସବୁ ଆସନରେ ପ୍ରାର୍ଥୀ ଦେବ ଏବଂ ଭଲ ଭୋଟ ପାଇବ, ତେବେ ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହେବ ମମତାଙ୍କ ଟିଏମସି। କାରଣ ଏହି ଦଳର ଭୋଟ ବ୍ୟାଙ୍କରେ ଅସାଦୁଦ୍ଦିନ ଭାଗ ବସାଇବେ। ଇତିହାସରେ ମିର୍ଜାଫରଙ୍କ ନାମ ସବୁ ଦିନେ କଳାଅକ୍ଷରରେ ଲିପିବଦ୍ଧ ହୋଇ ରହିଛି। କାଲି ମମତା ବାନାର୍ଜୀଙ୍କ ନାମ ମଧ୍ୟ ଏହି ତାଲିକାରେ ରହିବ ଯେଉଁମାନେ କ୍ଷମତା ଏବଂ ବ୍ୟକ୍ତିଗତ ଫାଇଦା ପାଇଁ ଦେଶର ସ୍ୱାର୍ଥକୁ ବଳି ପକାଇଛନ୍ତି। ମମତା ବାନାର୍ଜୀ ପଶ୍ଚିବଙ୍ଗରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଏବଂ ପ୍ରୋତ୍ସାହନ ଦେଉଛନ୍ତି। ସେମାନଙ୍କୁ ସ୍ଥାୟୀ ଭାବେ ବସବାସ କରିବାକୁ ଜମି ଦେଉଛନ୍ତି। ସେମାନଙ୍କୁ ଭୋଟର ତାଲିକାରେ ସାମିଲ କରାଯାଉଛି। ଉଦ୍ଦେଶ୍ୟ ହେଲା କେବଳ ମୁସଲମାନ ଭୋଟରଙ୍କ ସଂଖ୍ୟା ବୃଦ୍ଧି କରିବା। ସେଥିପାଇଁ ସେ ନାଗରିକତ୍ୱ ସଂଶୋଧନ ଆଇନ ଏବଂ ନାଗରିକ ପଞ୍ଜିକରଣ ପ୍ରସ୍ତାବକୁ ବିରୋଧ କରୁଛନ୍ତି। କେବଳ ଦେଶ ବିରୋଧୀଙ୍କୁ ପ୍ରଶ୍ରୟ ଦେବା ଏହାର ଉଦ୍ଦେଶ୍ୟ। ଏଥିପାଇଁ ପଶ୍ଚିମବଙ୍ଗର ଅସ୍ତିତ୍ୱ ଆଜି ବିପଦରେ। ଏଥିପାଇଁ ମମତାଙ୍କ ବିରୋଧରେ ସାରା ଦେଶରେ ବିକ୍ଷୋଭ, ସମାବେଶ ହେବା ଉଚିତ। ତାଙ୍କୁ ସବୁ ସ୍ତରରେ ବିରୋଧ କରାଯିବା ଉଚିତ। ତାଙ୍କ ଧର୍ମନିରପେକ୍ଷତାର ମୁଖାକୁ ଖୋଲିଦିଆଯିବା ଉଚିତ।

# ଜୈବପ୍ରଯୁକ୍ତି ଓ ଛାତ୍ର ଛାତ୍ରୀଙ୍କ କର୍ମନିଯୁକ୍ତି


॥ ପ୍ରଫେସର ହୃଦୟନାଥ ଥାଟୋଇ ॥



“ ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି।


ଜୈବପ୍ରଯୁକ୍ତି ବିଦ୍ୟାରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲାପରେ ଛାତ୍ରଛାତ୍ରୀଙ୍କ ପାଇଁ କେଉଁ ସବୁ ନିଯୁକ୍ତି ଓ ଉଚ୍ଚତର ଶିକ୍ଷାର ସୁଯୋଗ ରହିଛି ସେ ରହିଛି ସେ ବିଷୟରେ ଆଲୋକପାତ କରିବା ଏ ପ୍ରବନ୍ଧର ଲକ୍ଷ୍ୟ। ସ୍ନାତୋକର ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ପାଇଁ ମୁଖ୍ୟତଃ ୪ ପ୍ରକାର ବିକଳ୍ପ ରହିଛି। ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲା ପରେ ଛାତ୍ର ଛାତ୍ରୀମାନେ ଏମ.ଫୀଲ ଓ ପିଏଚଡି ଶିକ୍ଷା ଲାଭ ପାଇଁ ଯୋଗଦେଇ ପାରିବେ। ମାତ୍ର ଏମ.ଫୀଲ ଏ ବର୍ଷରୁ ୟୁଜିସି ଦ୍ୱାରା ବନ୍ଦ୍ କରି ଦିଆଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଜାତୀୟ ଗବେଷଣା ଅନୁଷ୍ଠାନ ଯଥା ଏନଆଇଟି, ସିଟିସିଆରଆଇ, ଆଇଏମଟି, ଆରପିଆରସି, ସିଡିଆରଆଇ, ଏନବିଆରଆଇ ଇତ୍ୟାଦି ପ୍ରତିଷ୍ଠାନରେ ଉଦ୍ଦିଷ୍ଟ ଲାବରଟୋରୀରେ ଅଥବା ପ୍ରୋଜେକ୍ଟ ବା ରିସର୍ଚ୍ଚ ସହାୟକ ହିସାବରେ ଯୋଗଦାନ କରି ପାରିବେ। ବିଭିନ୍ନ ଜୈବ ପ୍ରଯୁକ୍ତି ଶିଳ୍ପ ଯଥା-ବାୟୋକନ, ଇଣ୍ଡୋହାଇବ୍ରିଡସିଡ, ଭାରତ ବାୟୋଟେକ, ରିଲଆନସ, ଲାଇଫ୍ ସାଇନ୍ସ, ବିଭିନ୍ନ ଫର୍ମାସ୍ୟୁଟିକାଲ ଶିଳ୍ପ ଯଥା ଡକ୍ଟର ରେଡି, ଟୋରେଟଂ ତଥା ବିଭିନ୍ନ ମେଡିକାଲ ଡାଇଗ୍ନୋଷ୍ଟିକ୍ ସେଟଂର, ଫୁଡ ଇଣ୍ଡଷ୍ଟ୍ରିଜ୍, ଫିସ୍ ପ୍ରୋସେସିଂ ଇତ୍ୟାଦିରେ ବୈଜ୍ଞାନକି ବା ଟେକ୍ନିକାଲ କର୍ମଚାରୀ ଓ ଗୁଣବତା ନିୟନ୍ତ୍ରକ ଅଧିକାରୀ ଭାବେ କାର୍ଯ୍ୟ କରି ପାରିବେ।

ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି। ଏଥିପାଇଁ ଛାତ୍ର ଛାତ୍ରୀଙ୍କୁ ଜାତୀୟ ସ୍ତରୀୟ ପରୀକ୍ଷା ଯେପରିକି ସିଏସଆଇଆର ବା ୟୁଜିସି ନାସନାଲ ଏଲିଜିବିଲିଟି ଟେଷ୍ଟ ଫର୍ (ଏନଇଟି)ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିଥାଏ। ଏତଦବ୍ୟତୀତ ଗ୍ରାଜୁଏଟ ଆର୍ପଟିଚ୍ୟୁଟ ଟେଷ୍ଟ ଫରି ଇଞ୍ଜିନିୟରିଂ (ଜିଏଇଟି) , ଇଣ୍ଡିଆନ କାଉଁସିଲ ଅଫ୍ ଏଗ୍ରିକଲଚରାଲ ରିସର୍ଚ୍ଚ ନାସନାଲ ଏଲିଜିବିଲିଟି ଟେଷ୍ଟ (ଆଇସିଏଆର), ବାୟୋଟେକ୍ନୋଲୋଜି ଏଲିଜିବିଲିଟି ଟେଷ୍ଟ (ବିଇଟି), ଡିପାର୍ଟମେଣଟଂ ଅଫ୍ ବାୟୋଟେକ୍ନୋଲୋଜି ଟେଷ୍ଟ (ଡିବିଟି) ଇତ୍ୟାଦିରେ ଉତୀର୍ଣ୍ଣ ହେବା ପରେ ନିହାତି ଛାତ୍ର ଛାତ୍ରୀମାନେ ୟୁନିଭରସିଟି, ଇଞ୍ଜିନିୟରିଂ କଲେଜ, ଏନଆଇଟି ଓ ଆଇଆଇଟି ମାନଙ୍କରେ ଗବେଷଣା କରିବାକୁ ଯୋଗ ଦେଇଥାଆନ୍ତି। ଏହି ସବୁ ପରୀକ୍ଷାରେ ଉତୀର୍ଣ୍ଣ ହେଲେ ଛାତ୍ର ଛାତ୍ରୀମାନଙ୍କୁ ଗବେଷଣା କରିବାକୁ ସରକାରଙ୍କଠାରୁ ଛାତ୍ରବୃତି ସହିତ ଅନୁସନ୍ଧାନ ସହାୟତା ରାଶି ମଧ ମିଳିଥାଏ। ବର୍ତମାନ ସିଏସଆଇଆର ଓ ୟୁଜିସି ଉତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ପ୍ରଥମ ଦୁଇ ବର୍ଷ ୩୧ ହଜାର ଟଙ୍କା ଏବଂ ଘରଭଡା ବାବଦକୁ ସ୍ଥାନ ଅନୁସାରେ ୫% ରୁ ୧୫% ପାଇଥାଆନ୍ତି। ମାତ୍ର ପରବର୍ତୀ ୩ ବର୍ଷ ବରିଷ୍ଠ ରିସର୍ଚ୍ଚ ସ୍କଲାର ହିସାବରେ ୩୫ ହଜାର ଟଙ୍କା ସହିତ ଘରଭଡା ମଧ ପାଇଥାଆନ୍ତି। ଏତଦବ୍ୟତତ ଗବେଷଣା କରିବା ପାଇଁ ଅନୁସନ୍ଧାନ ସହାୟତା ରାଶି ବର୍ଷକୁ ୨୫ ହଜାର ଟଙ୍କା ପାଇଥାଆନ୍ତି। ସିଏସଆଇଆର ନେଟ ପରୀକ୍ଷାରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ପ୍ରଥମ କିଛି ମେଧାବୀ ଛାତ୍ର ଛାତ୍ରୀଙ୍କୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଫେଲୋସିପ୍ ମିଳିଥାଏ। ଏହି ଫୋଲୋସିପ ର ମୂଲ୍ୟ ପ୍ରଥମ ଦୁଇ ବର୍ଷ ୩୬ ହଜାର ଓ ପରବର୍ତୀ ୩ ବର୍ଷ ୪୨ ହଜାର ପ୍ରତିମାସ ମିଳିଥାଏ। ସିଏସଆଇଆର ଫେଲୋସିପ୍ ଦୁଇ ପ୍ରକାରର ଅଛି। ଯଥା କେବଳ ଏଲିଜିବିଲିଟି ଫର ଲେକ୍ଚରସିପ୍ ଓ ଅନ୍ୟଟି ଜେଆରଏଫ। ଏହି ପରୀକ୍ଷାରେ ଉତୀର୍ଣ୍ଣ ଲିଷ୍ଟର ପ୍ରଥମ କିଛି ପିଲାଙ୍କୁ ଫେଲୋସିପ ମିଳିଥାଏ। ଯେଉଁମାନଙ୍କୁ ସରକାରଙ୍କ ଠାରୁ ସିଧା ସଳଖ ଉପରୋକ୍ତ ଫେଲୋସିପ ମିଳିଥାଏ। ମାତ୍ର ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପଛୁଆ କିଛି ପିଲାଙ୍କୁ କେବଳ ଲେକଚରସିପ ଆୱାର୍ଡ କରାଯାଇଥାଏ। ସେହି ଛାତ୍ରଛାତ୍ରୀମାନେ ସାରା ଦେଶରେ କଲେଜ ଓ ୟୁନିଭରସିଟିରେ ଲେକଚର ହେବାକୁ ଯୋଗ୍ୟ ହୋଇ ଥାଆନ୍ତି।

ଏତଦବ୍ୟତୀତ ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନରେ ବିଭିନ୍ନ ଜାତୀୟ ପ୍ରୋଜେକ୍ଟରେ ଯୋଗ ମଧ କରିଥାଆନ୍ତି ଓ ସମପରିମାଣର ଫେଲୋସିପ ରିସର୍ଚ୍ଚ ପ୍ରୋଜେକ୍ଟ ଫେଲୋସିପରୁ ପାଇଥାଆନ୍ତି। ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସ୍ନାତୋକତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାଙ୍କୁ ପିଏଚଡି ଶିକ୍ଷା ଲାଭ କରିବା ପାଇଁ ରିସର୍ଚ୍ଚ ଫେଲୋସିପ ଡିଏସଟି ଇନସ୍ପାୟାର ଦିଆଯାଇଥାଏ। ଏହାର ଫେଲୋସିପ ବାବଦକୁ ପ୍ରଥମ ଦୁଇ ବର୍ଷ ୩୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ୨୦ ହଜାର ଟଙ୍କା ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଏହାର ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ମିଳିଥାଏ। ଏତଦବ୍ୟତୀତ ସ୍ନାତୋକତର ଉତୀର୍ଣ୍ଣ କିଛି ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ରିସର୍ଚ୍ଚ ଫେଲୋସିପ ଯେପରିକି ଆମ ରାଜ୍ୟ ଓଡିଶାରେ ବିଜୁ ପଟ୍ଟନାୟକ ରସର୍ଚ୍ଚ ଫେଲୋସିପ୍ ଦିଆଯାଇଥାଏ। ବିଜୁ ପଟ୍ଟନାୟକ ରିସର୍ଚ୍ଚ ଫେଲୋସିପ ଜରିଆରେ ମାସକୁ ୧୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୫ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ପାଇଁ ପ୍ରଦାନ କରାଯାଇଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ୧୫ ହଜାର ଟଙ୍କା ଓ କଟିଂଜେନ୍ସି ପ୍ରଦାନ କରାଯାଇଥାଏ। ସେହିପରି ଆଇସିଏଆର ଏନଇଟିରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ମାସିକ ୩୧ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ଫେଲୋସିପ ମିଳିଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ଫେଲୋସିପ ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଜିଏଟିଇ ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଇଆଇଟି ତଥା ଏନଆଇଟି ଓ ଇଞ୍ଜିନିୟରିଂ କଲେଜ୍‌ରେ ସ୍କଲାରସିପ ସହିତ ଏମଟେକ୍ ପଢିବା ଅଥବା ପ୍ରୋଜେକ୍ଟରେ ଜେଆରଏଫ/ପ୍ରୋଜେକ୍ଟ ଫେଲୋ ହିସାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିଥାଏ। ସେମାନେ ପ୍ରୋଜେକ୍ଟ ସ୍ୱିକୃତ ନିୟମ ହିସାବରେ ଫେଲୋସି ପାଇଥାଆନ୍ତି। ବାୟୋଟେକ୍ନୋଲୋଜି କନସରଟିୟମ(ବିସିଆଇଏଲ), ନୂଆଦିଲ୍ଲୀ ମଧ ୬ ମାସର ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ପାଇଁ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତୀଙ୍କୁ ଚୟନ କରି ବିଭିନ୍ନ ଇଣ୍ଡଷ୍ଟ୍ରିଜ ମାନଙ୍କୁ ପଠାଇଥାଏ। ଏମାନେ ମାସକୁ ୧୦ ହଜାର ଟଙ୍କା ଫେଲୋଶିପ ପାଇଥାଆନ୍ତି। ଏତଦବ୍ୟତୀତ କଟିଂଜେନ୍ସି ବାବଦକୁ ଇଣ୍ଡଷ୍ଟ୍ରିମାନଙ୍କୁ କିଛି ଅର୍ଥ ମିଳିଥାଏ। ପରବର୍ତୀ ସମୟରେ ଏହି ଛାତ୍ର ଛାତ୍ରୀମାନେ ନିଯୁକ୍ତି ପାଇବାର ସୁଯୋଗ ଲାଭ କରିଥାଆନ୍ତି। ଉପରଲିକ୍ଷିତ ଆଲୋଚ ସୁଯୋଗ ବ୍ୟତୀତ ବିଭିନ୍ନ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀ ନିଜର ଷ୍ଟାର୍ଟ ଅପ ବା ଏଂଟରପ୍ରେନ୍ୟୁରର ପ୍ରତିଷ୍ଠା କରି ଆତ୍ମନିଯୁକ୍ତି ପାଇ ପାରନ୍ତି। ଏଥିପାଇଁ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କ ଓ ସରକାରୀ ପ୍ରୋଗାମରୁ ସହାୟତା ମିଳିଥାଏ। ଜୀବ ବିଜ୍ଞାନ ପାଠ୍ୟକ୍ରମରେ ଜୈବପ୍ରଯୁକ୍ତି ବିଦ୍ୟା ଏକ ବୈଷୟିକ ବିଭାଗ ଯାହା ଅନ୍ୟାନ୍ୟ ମୌଳିକ ବିଭାଗ ଯଥା ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ପରିବେଶ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଠାରୁ ଅଧିକ ଯୁଗୋପଯୋଗୀ ଓ ଛାତ୍ରଛାତ୍ରୀମାନଙ୍କ ଅଧିକ ପସନ୍ଦର ବିଭାଗ। କାରଣ ଏଥିରେ ନିଯୁକ୍ତି, ଗବେଷଣା ଓ ଉଚ୍ଚତର ଶିକ୍ଷା ନିମନ୍ତେ ପ୍ରଭୂତଃ ସୁବିଧା ସୁଯୋଗ ରହିଛି। ମାତ୍ର ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରମାନଙ୍କୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ପଡିଥାଏ ଓ ବିଭିନ୍ନ ଗବେଷଣାଗାର ଥିବା ବଡବଡ ଲାବୋରୋଟୋରିରୁ ଅଧିକରୁ ଅଧିକ ତାଲିମ ନେଇ ଦକ୍ଷତା ହାସଲ କରିବାକୁ ପଡିଥାଏ। ଏହି ଛାତ୍ରଛାତୀମାନେ ବିଦେଶ ବିଶ୍ୱବିଦ୍ୟାଳୟ ଓ ରିସର୍ଚ୍ଚ ଅନୁଷ୍ଠାନ ମାନଙ୍କରେ ଗବେଷଣା ଓ ଉଚ୍ଚତର ଶିକ୍ଷାଲାଭ କରିବାକୁ ପ୍ରୋତ୍ସାହନ ମିଳିଥାଏ।


ଜୈବପ୍ରଯୁକ୍ତି ବିଦ୍ୟା ମୁଖ୍ୟ
ମହାରାଜା ଶ୍ରୀମରାଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦାଳୟ, ବାରିପଦା।


# ହୁଅନ୍ତୁ ପିଲାର ବନ୍ଧୁ


॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥


ବର୍ତ୍ତମାନର ମୋବାଇଲଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି? ବେଳେ ବେଳେ ଚୁପଚାପ, ଉଦାସ ଏହିପରି ମନୋଭାବ ତାର ଦେଖୁଛନ୍ତି କି? ସ୍କୁଲ ଖୁବ ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି? ଯଦି ହଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଣ୍ଟିବା ପାଇଁ। ତେବେପ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ। ଏହା ନିଶ୍ଚିନ୍ତ ଭାବେ ବଡ଼ କଥା। କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ। ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତ୍ତୀ ସମୟ ପାଇଁ ଭଲ ହୋଇନଥାଏ। କାରଣ ପିଲାଟି ତାର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ ଦ୍ୱିତୀୟତଃ ତା ମନକଥା ବାଣ୍ଟପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ ଖୁସିରେ ଆଗେଇ ପାରିବ ମଧ୍ୟ। ବର୍ତ୍ତମାନର ସମୟରେ ଅନେକ ପିଲା ବାହାରକୁ ନଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଏକ ପ୍ରକାର ଆବଦ୍ଧ ହୋଇ ରହୁଥିବାରୁ, ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ବାପାମାଆ ଅଜଣା ଥାଆନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା'ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନକରିପାରିବ ତାହା କିଏ ବା ନ କହିବ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଜା, ବାପା-ମାଆ ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ।

ଶିଶୁ ନିଷ୍ପାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ'ଣ କାହିଁକି, କିପରି - କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ'ଣ ଜିତିପାରିବ ଶିଶୁମାନଙ୍କର ଚଳଚଞ୍ଚଳ ମନ ଓ ଚିନ୍ତାଧାରାକୁ । ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ଥାଏ । ତାର, ଭାଷା, ବ୍ୟବହାର, ଚାଲିଚଳଣୀ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟିନୀ ମାନଙ୍କ ଠାରୁ । ଗ୍ରାମାଞ୍ଚଳର ଶିଶୁଟିଏ ଶିକ୍ଷିତ ପରିବାର ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ - ଏହା ନିରାଟ ସତ୍ୟ । ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର । ସହରାଞ୍ଚଳ ଶିଶୁମାନଙ୍କ ଠାରୁ ପ୍ରାରମ୍ଭ କରି ଗ୍ରାମାଞ୍ଚଳର ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କିପରି ଉପଯୁକ୍ତ ଭାଷା, ଶିକ୍ଷା ଓ ଜ୍ଞାନ ପହଞ୍ଚିପାରିବ ସେଥିପାଇଁ ସମାଜ ଓ ସରକାର ସଚେତନ ହେବା ଉଚିତ । ପ୍ରତ୍ୟେକ ପରିବାର ନିଜ ନିଜ ଶିଶୁଙ୍କର ଜ୍ଞାନ ବୃଦ୍ଧି, ଚାଲିଚଳଣୀ ଓ ସୁବ୍ୟବହାର ପ୍ରତି ନଜର ଦେବା ସହ ସେମାନଙ୍କର ଜ୍ଞାନର ବିକାଶ କିପରି ସମ୍ଭବ ହେବ, ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତାର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ। ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବାର ସେମାନଙ୍କର କ୍ଲାସମେଟ କସ୍ମିନ କାଳେ ତୁଳନା କରନ୍ତୁ ନାହିଁ। ଏପରିକି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ। ଏହା ଅପେକ୍ଷା ତାକୁ ବେଶ ସ୍ୱାଭାବିକ ଓ ଖୋଲା ହୃଦୟର ଶିଖାନ୍ତୁ। ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଣ୍ଟିବା, ସମସ୍ତଙ୍କ ସହିତ ମିଳିମିଶି ସଦଭାବର ସହ ବଞ୍ଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ।

ପିଲାଟିର ବାପା-ମାଆ ସେମାନଙ୍କର ରୋଲ ମଡ଼େଲ ହୁଅନ୍ତୁ। ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ ଖୋଲା ଭାବେ ସମୟ ବିତାନ୍ତୁ। ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ତ୍ୱିକ ଭାବେ ପ୍ରେରଣା ଦେଇ ତାର ସହପାଠୀ ବା ବନ୍ଧୁ ମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ। ଅନେକ ବାପା-ମାଆ ନିଜେ ଚୁପ ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି। ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତ୍ତର ସେ ଖୋଜିଥାଏ। ଏପରି କ୍ଷେତ୍ରରେ ସେ ଜଣେ ନିଶ୍ଚିନ୍ତ ଓ ସତ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ ଯେଉଁ କାର୍ଯ୍ୟଟି ବା ତାର ପ୍ରଥମ ବନ୍ଧୁ ଭାବେ ତା ମାଆ ବାପା ରହିବେ। ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା'ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହାସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନକରିବା ପାଇଁ ନିର୍ଦ୍ଦେଶ ଦେଉ । ତାଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ ଅଗ୍ରସର ହୁଏନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଏପରି ନକରି ପିଲାକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ ତନ୍ନ ତନ୍ନ କରି ବାରମ୍ବାର ବୁଝାଇବା ଦରକାର । ଶିଶୁର ମନ ଚଳଚଞ୍ଚଳ ସେ ଯାହା କରି ବସେ ତାହା ଭୁଲ କି ଠିକ୍ ସେ ଚିନ୍ତା କରିନଥାଏ । ଅନୁକରଣ ପ୍ରୀୟ ହୋଇଥିବାରୁ ଯାହା ସମାଜରୁ ଗ୍ରହଣ କରେ ତାହା ନିଜପାରୁ ପର୍ଯ୍ୟନ୍ତ ସେ କରିବାକୁ ସକ୍ଷମ ହୋଇଥାଏ । ପରିବେଶର ପ୍ରଭାବ ତା ଉପରେ ଚାପ ସ୍ୱରୂପ ଲଦି ହୋଇପଡ଼େ । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ। ଆପଣଙ୍କର ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର। ତେଣୁ ପିଲାଟି ଦିନରୁ ହିଁ ତାକୁ ସତ୍ ଶିକ୍ଷା ଓ ସତ୍ ପରାମର୍ଶ ଦେବା ସହ ଉତ୍ତମ ଜୀବନ ଗଢ଼ିବା ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ନିଜ ଉତ୍ତମ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ବାପା ମାଆଙ୍କର। ବାପାମାଆ ମାନେ ନିଜେ ଆଗେ ସଦଗୁଣର ଅନୁଶୀଳ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତ୍ତମ ବନ୍ଧୁ ପାଇପାରିବେ ଆଉ ଉତ୍ତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକବର୍ତ୍ତିକା ସାଜିବ।


ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪


# ଜ୍ୟେଷ୍ଠ ପୁତ୍ର ଓ ପୃଥିବୀ ମାଆ


॥ ଅଜୟ କୁମାର ବେହେରା ॥


ବସୁମତୀ, ଅନେକ ମାଆଙ୍କ ଭିତରୁ ଜଣେ ଦେବୀ ମାଆ। ପୃଥିବୀ ମାଆ ହିଁ ବସୁମତୀ ମାଆ। ତାଙ୍କର ପ୍ରଥମ ସନ୍ତାନ ହେଉଛି ସାଗର। ଯେ ମହାଦାମ୍ଭିମ ଓ ଗର୍ବୀ। ପୁଣି ତାଙ୍କ ଠାରୁ କେହି କ୍ଷେତ୍ରବଳୀ ନାହାଁନ୍ତି। କ୍ଷେତ୍ରର ଅଧିଶ୍ୱରମାନେ ଜମିଦାର ଏଥିରେ ସବୁଠାରୁ ବଡ଼ ଜମିଦାରୀରେ ସାଗର, ସପ୍ତସମୁଦ୍ରଙ୍କର ନାମ ରହିଛି। ରସାତଳ କୁହନ୍ତୁ ପାତାଳ କୁହନ୍ତୁ ଆଉ ପୃଥିବୀର ସର୍ବତ୍ର ନିଶ୍ଚେ ଭୂମି ଅଛି। ପାତାଳ ମାନେ ନିମ୍ନ ସ୍ଥାନ ପାଦତଳ, ରସାତଳ ମାନେ ରସର ତଳ ଏଠାରେ ଜଳକୁ ଆଧାର କରିଥିବା ମାଟି। ସମୁଦ୍ର ପତନ କହିଲେ ସମୁଦ୍ରର ଜଳ ଶୂନ୍ୟସ୍ଥାନରୁ ଉପରରୁ ଉପରୁ ଉଠିଥିବା ସ୍ଥାନ।

ଏହି ସମୁଦ୍ର ସାଗର ମହାରୁ ଉପ ପର୍ଯ୍ୟନ୍ତତ ଅନେକ ନାମକରଣ ହେଲେ ମୋଟ ଧରିଲେ ସାଗର। ଏଇ ସାଗର ପୃଥି ମାତାଙ୍କର ପ୍ରଥମ ସନ୍ତାନ। ପୃଥିମାତାଙ୍କର ବ୍ୟାପକ ଭୂ ସମ୍ପତ୍ତି ଗର୍ଭରେ ଅନେକ ମୂଲ୍ୟବାନ ଖଣିଜ ପଦାର୍ଥ, ଗ୍ୟାସ ରହିଛି। ସବୁ ମାଆଙ୍କ ପରି ପୃଥି ମାଆ ତାଙ୍କ ପିଲାଙ୍କ ପାଇଁ ମାଟିତଳେ ପିଲାଙ୍କ ଭବିଷ୍ୟତ ପାଇଁ ଦ୍ରବ୍ୟ ରଖିଛନ୍ତି। ହେଲେ ଏସବୁ ଗୋପନ ଧନୁକୁ ଜୁଲମ କରି ଭୟଦେଖାଇ ଛଡ଼ାଇ ନେଇଛନ୍ତି ସାଗର। କୁହାଯାଏ ତିନିଭାଗ ଜଳ ଏକ ଭାଗ ମାଟି ପୃଥିବୀରେ ରହିଛି। ମାଆ ବସୁମତୀ ସନ୍ତାପରେ ସମୟ କାଟୁଛନ୍ତି। ସାଗରରେ ତୋର ପର ଭାଇଭଉଣୀଙ୍କ ପାଇଁ ମୁଁ କଣ ସମ୍ପତ୍ତି ଦେବୀ ତୁ ଏତେ ନେ ନା। ହେଲେ ସାଗରଙ୍କର ଜିଦ ଦାବୀରେ ଆହୁରି ନେବେ, ସମୁଦ୍ରଙ୍କୁ ଅର୍ଥ ତୃଷ୍ଣା ଛାଡୁନାହିଁ।

ମାଆଙ୍କର ମନ କଥାରୁ ଅନୁମାନ କରି ସାଗର କହୁଛନ୍ତି ମାଆ ମୁଁ ଅମର ହେଲେ ପରେ ପରେ ଯେ ଜନ୍ମ ସେମାନେ ମର। ସେମାନେ କଣ ପରମାୟୁ ମୋରି ପରି ପାଇଛନ୍ତି କି? କି ପାଇବେ କି? ସେମାନେ ବଂଶ ବୃଦ୍ଧି କଲେ ବି ସେ ବଂଶ ବି ସମୟୋନୁସାରେ କ୍ଷୟ ହେବ ହେଲେ ମୁଁ ଅକ୍ଷୟ। ମୁଁ ତୋ ଥିବା ଯାଏ ତୋର ସେବା କରିବି ସେମାନେ ଏପରି ଭରଷାଶୀଳ ନୁହଁ। ସନ୍ତାନ ମାୟା ସବୁ ସ୍ତ୍ରୀଲୋକଙ୍କର ଅଛି। ଏଥିରୁ ଆଦି ମାତାଙ୍କର କେମିତି ନରହିବ? ଦେବୀ ମାଆ ଜ୍ୟେଷ୍ଠପୁତ୍ର ଦ୍ୱାରା ସଦା ଚାପରେ ତପରେ ସାଗର ସର୍ବଦା ତଟରେ ଭୟଙ୍କର ଭାବରେ ପିଟି ହୋଇ ମାଟିକୁ ତା ଆଡ଼କୁ ଭିଡ଼ି ନେଉଛି। ଦେବୀ ମାଆଙ୍କର କ୍ରନ୍ଦନ ନିତ୍ୟ ଠାକୁରେ ଶୁଣ ଶୁଣ ଏହାର ପ୍ରତିକାର କର। ଭଗବାନ ଶୁଣିଲେ ସାଗର ତ୍ରାସ ଜନ୍ମ ନେଲେ। ତାଙ୍କ ନାମ ଅଗସ୍ତ୍ୟ। ଲୋକେ ତାଙ୍କୁ ଅଗସ୍ତୀ କହୁଛନ୍ତି। ଦିବ୍ୟ ବ୍ରାହ୍ମଣ ମହାତେଜସ୍ୱୀ ସ୍ଥିରଚେତ ଦୃଢ଼ ଧୈର୍ଯ୍ୟର ସେ ଜୀବନ୍ତ ରୂପ। ସେ ଏପରି ସାଧନ ବ୍ରତୀ ହେଲେ ସମୁଦ୍ର ଜଳକୁ ମନ୍ତ୍ରପୁତ କରି ଗୁଣ୍ଡୁଷେ ଜଳରେ ନିଶେଷ କରିଦେଲେ।

ଏବେ ସାଗର ଜାଣିଲେ ନରଙ୍କ ମଧରେ ବି ଏମିତି ବ୍ୟକ୍ତି ଆସିଲେ ଯେ ଅମାପ ଜଳକୁ ନିଶେଷ କରିଦେଲେ। ଏଇ ସାଗର ପ୍ରତ୍ୟକ୍ଷରେ ନହେଲେ ବି ପରୋକ୍ଷରେ ବର୍ଷାର କାରଣ ସାଗରରେ ଜଳ ନରହିଲେ ଜୀବଜଗତ ବୃକ୍ଷଲତା କେହି ବଞ୍ଚି ପାରିବେ ନାହିଁ। ଏପାଇଁ ଅଗସ୍ତୀ ଦେବ ଋଷ ଅନୁରୋଧରେ ସାଗରଙ୍କୁ ମୁଖରୁ ପୁଣି କାଢ଼ିଦେଲେ। ଏ ସାଗର ଜଳ ବ୍ରାହ୍ମଣ ଅଇଣ୍ଠା ଏ ତୀର୍ଥଜଳରେ ଆସେ ମାତ୍ର ଗଙ୍ଗା ଯମୁନା ଗୋମତୀ ନର୍ମଦା ଜଳ ପରି ପବିତ୍ର ନୁହଁନ୍ତି। ପୃଥିମାତାଙ୍କ ଆଶ୍ୱାସନା ମିଳିଲା ଯେ ସାଗରକୁ ତ୍ରାସ ଏମିତି ବି ତାଙ୍କର ପିଲା ଜଣେ ଜନ୍ମ ନେଇଛି। ସାଗରଙ୍କ ଡର ହେଲା ସେ ତାଙ୍କର ସ୍ଥିତି ପରିସୀମା ବୁଝିଗଲେ। ସେ ବି ବଡ଼ଭାଇ ନାମ ମଣିଷଙ୍କ ପାଇଁ କରିଚାଲିଛନ୍ତି। ସାଗର ନଥିଲେ ଅନେକ ଅସୁବିଧା ସଂସାରରେ ହୁଅନ୍ତା। ମାଆ ଖୁସି ତାଙ୍କର ପୁଅମାନେ ଏମିତି ହେବେ ଏକଥା ସେ ସଦା ସେ ବ ଚାଲିଲେ। ସାଗରରେ ତରୀ ଗଲାଣି, ପୋତ, ଜାହାଜ କେତେ କଣ? ସାଗର ବଡ଼ଭାଇ କମାରେ ବି ଅଛନ୍ତି।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଦଣ୍ଡିଆଙ୍କ ଦାୟିତ୍ୱରେ ଅସ୍ତରଙ୍ଗ ପ୍ରଶାସନ, ଭୁଷୁଡୁଛି ନ୍ୟାୟିକ ବ୍ୟବସ୍ଥା




ଅସ୍ତରଙ୍ଗ, (ମହାଭାରତ) : ରାଜ୍ୟ ରେ ଡବଲ ଇଞ୍ଜିନ ସରକାର ଙ୍କ ଶାସନ ବ୍ୟବସ୍ଥା,ଆମ ରାଜ୍ୟ ର ମୁଖ୍ୟମନ୍ତ୍ରୀ ସଦାସର୍ବଦା ଘୋଷଣା କରୁଛନ୍ତି ଆମେ ଲୋକ ଙ୍କ ସରକାର, ପ୍ରଶାସନ ଲୋକ ଙ୍କ ନିକଟରେ ପହଞ୍ଚିବ, ଲୋକ ଙ୍କ ସମସ୍ୟା ର ସମାଧାନ ପାଇଁ ସଦା ସର୍ବଦା ରାଜ୍ୟ ସରକାର ଉତ୍ତରଦାୟିତ୍ୱ ରହିବେ ମାତ୍ର ଏହି ସରକାର ଙ୍କ ନିର୍ଦ୍ଦେଶ କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି ଅସ୍ତରଙ୍ଗ ର ସମସ୍ତ ପ୍ରଶାସନିକ ଭବନ କ୍ଷେତ୍ର ରେ, ଏଠି ଅଧିକାରୀ ମାନେ ଦଣ୍ଡିଆ ଙ୍କ ମାର୍ଫତ ରେ କରୁଛନ୍ତି ପ୍ରଶାସନ ର ସମସ୍ତ କାର୍ଯ୍ୟ, ଆଜି ତହସିଲ, ଥାନା ଯେଉଁ ସ୍ଥାନକୁ ଯାଅ ଲୋକ ଙ୍କ ଅନେକ ସମସ୍ୟା ଦୃଷ୍ଟି କୁ ଆସୁଛି କିନ୍ତୁ ସମାଧାନ କିଏ କରୁଛି କିପରି ହେଉଛି ତାହା ସମ୍ପୂର୍ଣ୍ଣ ଅନ୍ଧାର ଭିତରେ, ସାମ୍ବାଦିକ ମାନଙ୍କୁ ମିଳୁନି ତଥ୍ୟ କିନ୍ତୁ ଦଣ୍ଡିଆ ଙ୍କ ନିକଟରେ ପହଁଚୁଛି ଲୋକ ଙ୍କ ଅଭିଯୋଗ, ଥାନା କଥା ନକହିଲେ ଭଲ, ଯଦି କୌଣସି ବ୍ୟକ୍ତି ବିଶେଷ କିଛି ଅଭିଯୋଗ ଆଣି ଆସୁଛି ସେ ଦୋଷ ନକରିଥିଲେ ବି ତାଙ୍କ ନାମ ରେ ଅପର ପକ୍ଷ ଆଣୁଛନ୍ତି ପାଲଟା ଅଭିଯୋଗ, ଯାହାକି ଫଳରେ ଦଣ୍ଡିଆ କରୁଛନ୍ତି ଫଇସଲା, ଯେଉଁ ପକ୍ଷ ର ଆଦୌ ଦୋଷ ନଥିବ କିନ୍ତୁ ଅପର ପକ୍ଷ ର ଏତଲା ରେ ତାଙ୍କୁ କୁହାଯିବ ବୁଝାମଣା କର ନଚେତ ଉଭୟ ପକ୍ଷ ଫରୱାର୍ଡ ହେବ, ଯେଉଁ ଚାପ ର ବଶବର୍ତ୍ତୀ ହୋଇ ଦୋଷ କରିନଥିବା ପକ୍ଷ ଟି ଦଣ୍ଡିଆ ଙ୍କ କଥା ରେ ରାଜି ହୋଇ ସମାଧାନ କାଗଜ ରେ କରିଦେଉଛନ୍ତି ଦସ୍ତଖତ,ଏହିଭଳି ଭାବେ ଅନେକ ଏତଲା ଭିତ୍ତିହୀନ ହେଇଯାଉଛି, ପ୍ରକୃତ ଲୋକ ନ୍ୟାୟ ପାଇବାରୁ ବଞ୍ଚି ଯାଉଛନ୍ତି, ଅନେକ ସମୟ ରେ ଥାନା ରେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ମାନଙ୍କୁ ଦୀର୍ଘ ସମୟ ଘୁରି ବୁଲିବାର ଦୃଶ୍ୟ ସାମ୍ନା କୁ ଆସୁଛି, ଏମାନେ କିଏ, ପ୍ରତ୍ୟେକ ଦିନ ଥାନା ତହସିଲ ରେ ଏମାନଙ୍କ କାମ କଣ, କଣ ପାଇଁ ଦିନରାତି ଏମାନେ ଏହି ପ୍ରମୁଖ ପ୍ରଶାସନ କ୍ଷେତ୍ର ରେ ଡେରା ଦେଉଛନ୍ତି ଏହା ସମ୍ପୂର୍ଣ୍ଣ ଅସ୍ପଷ୍ଟ, ଏନେଇ କୌଣସି ଅଧିକାରୀ ଙ୍କ ପ୍ରତିକ୍ରିୟା ମିଳିପାରିନି ମାତ୍ର ବୁଦ୍ଧିଜୀବୀ ମହଲ ରେ ଦାବୀ କରାଯାଉଛି ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଗ୍ରାହକ ସମ୍ମିଳନୀ

ରାଇରଙ୍ଗପୁର, (ମହାଭାରତ) : ବ୍ୟାଙ୍କ ଅଫ୍ ଇଣ୍ଡିଆ,ଆଂଚଳିକ କାର୍ଯ୍ୟାଳୟ ,ବାରିପଦା ପକ୍ଷରୁ ଶୁକ୍ରବାର ଦିନ ବାରିପଦା ହୋଲି ପାଲାସ ଏବଂ ଶନିବାର ଦିନ ରାଇରଙ୍ଗପୁରସ୍ଥ ହୋଟେଲ ହିନ୍ଦୁସ୍ତାନ ଇନନ୍ ପରିସରରେ ବୃହତ ଗ୍ରାହକ ସଚେତନତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଆଂଚଳିକ ପ୍ରବନ୍ଧକ କମଳେଶ ରଞ୍ଜନ ଜୀ ଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ତାଙ୍କ ସହିତ ଉପ ଆଂଚଳିକ ପ୍ରବନ୍ଧକ ନିଶ୍ଚିତ ଜୀ,ଶାଖା ପ୍ରବନ୍ଧକ ବାରିପଦା, ରିଜନ ଗାର୍ଡିଆ,ଏସ ଏମ ଇ ସିସି ମୁଖ୍ୟ ଚିନ୍ମୟ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ବାରିପଦା ହୋଟେଲ ପାଲାସ ରେ ୩୪ ଟି ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାର ଗ୍ରାହକମାନେ ଉପସ୍ଥିତ ଥିବାବେଳେ ଚିତ୍ତରଞ୍ଜନ ପାତ୍ର ପରିଚାଳନାରେ ସହଯୋଗ କରିଥିଲେ ।ସେହିଭଳି ରାଇରଙ୍ଗପୁର ହୋଟେଲ ହିନ୍ଦୁସ୍ତାନ ଇନନ୍ ରେ ୧୮ ଟି ବ୍ୟାଙ୍କ ଶାଖାରୁ ଗ୍ରାହକମାନେ ଉପସ୍ଥିତ ଥିବାବେଳେ ଶାଖା ପ୍ରବନ୍ଧକ ରିଜନ୍ ର୍ଡିଆ ପରିଚାଳନାରେ ସହଯୋଗ କରିଥିଲେ ।ଆଂଚଳିକ ପ୍ରବନ୍ଧକ କହିଥିଲେ ଏହି ଗ୍ରାହକ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ୟାଙ୍କ ଗ୍ରାହକମାନଙ୍କର ଅତି ନିକଟତର ହେବା ସହିତ ଗ୍ରାହକମାନେ ସହଜରେ ଏବଂ ସୁବିଧାରେ ବ୍ୟାଙ୍କ ପ୍ରଦତ୍ତ ବିଭିନ୍ନ ପ୍ରକାରର ଋଣ ଏବଂ ଯୋଜନା ମାନ କିପରି ସହଜ ପ୍ରକ୍ରୀୟାରେ ଲାଭ କରି ପାରିବେ ।ଦେଶର ଅର୍ଥନୈତିକ ପ୍ରଗତିରେ ବ୍ୟାଙ୍କ ଏବଂ ଗ୍ରାହକମାନଙ୍କ ଭୂମିକା ଅନନ୍ୟ ଓ ଅବର୍ଣ୍ଣନୀୟ ।ତେଣୁ ପରସ୍ପର ସହିତ ସୁସମ୍ପର୍କ ରହିବା ଉଚିତ ।ବ୍ୟାଙ୍କ ସବୁବେଳେ ଗ୍ରାହକମାନଙ୍କୁ ସମସ୍ୟା ସମାଧାନ ପାଇଁ ସହଯୋଗର ହାତ ବଢ଼ାଇଛି । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମତରେ ଗ୍ରାହକ ମାନେ ହେଉଛନ୍ତି ଭଗବାନ ।ତେଣୁ ଗ୍ରାହକମାନଙ୍କୁ ବ୍ୟାଙ୍କ ତରଫରୁ ୨୪ ଘଣ୍ଟିଆ ସହଯୋଗର ସେବା ଯୋଗାଇଦିଆଯିବ ।ବ୍ୟାଙ୍କ ଆସନ୍ତୁ ସମସ୍ତେ ଯୋଜନା ,ସଂରକ୍ଷିତ,ଋଣ ,ଋଣ ପରିଶୋଧ,ଆକାଉଣ୍ଟ ହିସାବ ସବୁକିଛି ବୁଝିଲେ ବ୍ୟବସାୟ ବଢିବା ସହ ନିଜର ଅର୍ଥନୀତି ବଢିବା ସହ ବ୍ୟାଙ୍କର ଉନ୍ନତି ହେବ ।ଏହାପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ସ୍ଥାନରେ ଗ୍ରାହକ ସମ୍ମିଳନୀ କରାଯାଇ ଗ୍ରାହକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରାଯିବ । ଏହି ବୃହତ ଗ୍ରାହକ ସମ୍ମିଳନୀରେ ବିଭିନ୍ନ ପ୍ରାନ୍ତରରୁ ବହୁ ସଂଖ୍ୟାରେ ଗ୍ରାହକମାନେ ଯୋଗ ଦେଇ ସଫଳ କରିଥିବାରୁ ସମସ୍ତଙ୍କୁ ଶାଖା ପ୍ରବନ୍ଧକ ରିଜନ୍ ର୍ଡିଆ କୃତଜ୍ଞତା ଜଣାଇଥିଲେ ।

## ୨୫ରେ ସେବାଉତ୍ସବ - ୨୦୨୫

ଦଶପଲ୍ଲା, (ମହାଭାରତ ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅଧିନସ୍ଥ ଟାକରା ଠାରେ ଆସନ୍ତା ୨୫ ତାରିଖ ଅର୍ଥାତ ବୁଧବାର ଦିନ ଦଶପଲ୍ଲା ବ୍ଲକର ଟାକରା ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ସେବାଉତ୍ସବ - ୨୦୨୫ ଆୟୋଜନ କରାଯିବାକୁ ଥିବା ଜଣାପଡ଼ିଛି !ଏଥିରେ ସକାଳ ସମୟରେ ମଶାଲ ଶୋଭାଯାତ୍ରା ପରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅପରାହ୍ନରେ ସେବା ଉତ୍ସବ - ୨୦୨୫ ଯେଉଁଥିରେ ଅଂଚଳର ଗରିବ, ଅସହାୟ, ଭିନ୍ନକ୍ଷମ, ବୃଦ୍ଧା ମାନଙ୍କୁ ଶୁଖିଲାଖାଦ୍ୟ, ବସ୍ତ୍ର, ଛତା, କମ୍ବଳ, ଚପଲ ଭଳି ନିତ୍ୟ ବ୍ୟବହାର ସାମଗ୍ରୀ ବଣ୍ଟନ କରାଯିବା ସହିତ କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ କଳାକୃତି ସହିତ ଜଡ଼ିତ ଥିବା ସ୍ଥାନୀୟ ଅଂଚଳର ଯୁବଗୋଷ୍ଠୀ ଓ କୁନିକୁନି ଛୋଟ ପିଲାଙ୍କ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବାକୁ ଥିବା ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟର ସମ୍ପାଦକ ନିହାର ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି. ଏବଂ ଉକ୍ତ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଥିବା ଜଣାପଡ଼ିଛି. ଏହି କାର୍ଯ୍ୟକ୍ରମ କୁ ସରସ ସୁନ୍ଦର କରିବା ପାଇଁ ଟ୍ରଷ୍ଟର ସମସ୍ତ କର୍ମକର୍ତା ସନ୍ତୋଷ କୁମାର ସାହୁ, ସମ୍ବିତ ଭଞ୍ଜ, ମାନସ କୁମାର ପରିଡ଼ା, ଚନ୍ଦନେଶ୍ୱର ଦାଶ, ରବି ନାରାୟଣ ସାହୁ, କୁନା ବେହେରା ପ୍ରମୁଖ ଚେଷ୍ଟା ଜୋରସରରେ ଚଳାଇଥିବା କହିଛନ୍ତି ଟ୍ରଷ୍ଟର ସଭ୍ୟ ଚନ୍ଦ୍ରଶେଖର ନାଏକ. ଖାଲି ସେବାଉତ୍ସବ ନୁହେଁ ବରଂ ଏହାପରେ ଖୁବକମ ଦିନ ମଧ୍ୟରେ ଏକ ରକ୍ତଦାନ ଶିବିରର ଆୟୋଜନ କରିବା ସହିତ ଆଗାମୀ ଦିନରେ ଦଶପଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳ ଗୁଡିକୁ ଯାଇ ସ୍ୱାସ୍ଥ୍ୟଶିବିର ସହିତ ଅନେକ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଥିବା କହିଛନ୍ତି ଟ୍ରଷ୍ଟର ସଭ୍ୟମାନେ. ଅସହାୟ, ଗରିବ ଲୋକଙ୍କ ପାଖରେ ପହଂଚିବା ପାଇଁ ଏକ ସଂଗଠନର ଆବଶ୍ୟକତା ରହିଥିବା ଭାବି ଦଶପଲ୍ଲା ବ୍ଲକର ବିଭିନ୍ନ ଅଂଚଳର ଯୁବଗୋଷ୍ଠୀ ଙ୍କୁ ଏକତ୍ରିତ କରି ଏଭଳି ଏକ ଟ୍ରଷ୍ଟ କରିଥିବାରୁ ଟ୍ରଷ୍ଟର ଟ୍ରଷ୍ଟି (ଚେୟାରମ୍ୟାନ) ତଥା ଯୁବ ସାମ୍ବାଦିକ ପ୍ରିୟବ୍ରତ ଆଚାର୍ଯ୍ୟଙ୍କୁ ଟ୍ରଷ୍ଟର ସମସ୍ତ ସଭ୍ୟ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ଏକାଗ୍ରତା ମନଭାବ ରଖି ଲୋକଙ୍କ ନିକଟତର ହୋଇ ତାଙ୍କ ସମସ୍ୟା କୁ ବୁଝି ତାଙ୍କୁ ସାହାଯ୍ୟର ହାତ ବଢାଇବା ସହିତ ଲୋକଙ୍କ ସମସ୍ୟା କୁ ପ୍ରଶାସନ ନଜର କୁ ଆଣିବାକୁ ସମ୍ପୂର୍ଣ୍ଣ ଚେଷ୍ଟା ଟ୍ରଷ୍ଟ କରିବ ବୋଲି କହିଛନ୍ତି ଟ୍ରଷ୍ଟର ସଭ୍ୟ ମନ୍ମଥ ସାହୁ ଓ କୃଷ୍ଣଚନ୍ଦ୍ର ରଣା।

## ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା

ନୂଆଗାଁ, (ମହାଭାରତ) : ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ଏବଂ ସାଢେଚାରି କୋଟି ଜନତାଙ୍କ ମଉଡମଣୀ ନବୀନ ପଟ୍ଟନାୟକ ଙ୍କ ସର୍ଭିକାଲ ଅଥ୍ରାଇଟିସ ସ୍ୱାସ୍ଥ୍ୟଗତ ସମସ୍ୟା କାରଣ ଯୋଗୁଁ ଆଜି ମୁମ୍ବାଇ ସ୍ଥିତ କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନେଇ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦେବାଦେବୀଙ୍କ ପୀଠରେ ଦୀପଜାଳି ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିବା ବେଳେ ଏନେଇ ମାନ୍ୟବର ଦଶପଲ୍ଲା ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି, ନୟାଗଡ଼ ରମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ନୂଆଗାଁ ବ୍ଲକ ବିଜୁ ଜନତା ଦଳ ତରଫରୁ ନୂଆଗାଁ ସଦରମହକୁମାରେ ଥିବା ବିରୁପାକ୍ଷେଶ୍ୱର ମନ୍ଦିରରେ ନବୀନ ପଟ୍ଟନାୟକଙ୍କ ସୁସ୍ଥତା ପାଇଁ ୧୦୮ ଦୀପଜାଳି ଆଶୁ ଆରୋଗ୍ୟ କାମନା କରିଥିଲେ। ଏଥିରେ ବ୍ଲକ ଅଧକ୍ଷାଙ୍କ ପ୍ରତନିଧି ଶଙ୍କର୍ଷଣ ବେହେରା,ଢେଙ୍କେଣା ସରପଞ୍ଚ ତଥା ବ୍ଲକ ବିଜେଡ଼ି ସଭାପତି ଯୁଗଳ କିଶୋର ସାହୁ,୧୭ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ପ୍ରତିମା ଦଳବେହେରା, ନୂଆଗାଁ ପଞ୍ଚାୟତର ସରପଞ୍ଚ ଅମିତା ପରିଡ଼ା,ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳି ଶାସମଲ,ବାହାଡଝୋଲା ସରପଞ୍ଚ ଆରତୀ ସେଠି,ଗୁମି ସମିତି ସଭ୍ୟ ସଞ୍ଜୀବ ଡାକୁଆ,ସୋରଡ଼ା ସରପଞ୍ଚ ଫକୀର ମୋହନ ସାହୁ,ଜିଲ୍ଲା ବିଜେଡ଼ି ଉପସଭାପତି ଦିଲ୍ଲୀପ କୁମାର ଦଳବେହେରା,କୋରଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ ଗୋଲଖ ବିହାରୀ ଗୋଛାୟ,ବ୍ଲକ ଯୁବ ବିଜେଡ଼ି ସଭାପତି ଶୁଭ୍ରାଂଶୁ ଶେଖର ସେନାପତି, ବ୍ଲକ ଛାତ୍ର ସଭାପତି ସୁବ୍ରତ ପରିଡ଼ା,ପ୍ରକାଶ କୁମାର ନାୟକ,ଦେବରାଜ ଖଣ୍ଡୁଆଳ,ରମେଶ ଚନ୍ଦ୍ର ପ୍ରଧାନ ଏବଂ ବ୍ଲକର ସମସ୍ତ ଜନପ୍ରତିନିଧି ସମେତ ଦଳର ଯୁବ ଛାତ୍ର ମହିଳା,ଛାମୁଆ ଯୁବ ସଂଗଠନ,ବରିଷ୍ଠ କର୍ମକର୍ତ୍ତା ମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

## ଭଦ୍ରକରେ ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା, ଘଟଣାସ୍ଥଳରେରେ ପୂର୍ବାଞ୍ଚଳ ଡିଆଇଜିଙ୍କ ତଦନ୍ତ ଆରମ୍ଭ

ଭଦ୍ରକ, (ମହାଭାରତ) : ଭଦ୍ରକ ଚରମ୍ପା ଅଞ୍ଚଳରେ ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣାରେ ପୂର୍ବାଞ୍ଚଳ ଡିଆଇଜିଙ୍କ ତଦନ୍ତ ଆରମ୍ଭ । ଗତକାଲି ରାତିରେ ବେଲମୂଳାରେ ବ୍ୟବସାୟୀ ବିଦ୍ୟାଧର ପାତ୍ରଙ୍କୁ ଗୁଳିମାଡ଼ କରିଥିଲେ ଦୁର୍ବୃତ୍ତ । ଆଜି ଘଟଣାସ୍ଥଳରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ, ଏସପି ଓ ଟାଉନ ଥାନା ଅଧିକାରୀ ପହଞ୍ଚି ଯାଞ୍ଚ କରିଛନ୍ତି । ପରେ ବ୍ୟବସାୟୀ ଘରକୁ ଯାଇ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି । ଘଟଣା ସମ୍ପର୍କରେ ପ୍ରତ୍ୟେକ୍ଷଦର୍ଶୀ ଓ ଆଖପାଖ ଅଞ୍ଚଳରେ ଥିବା ସିସିଟିଭି ଯାଞ୍ଚ କରିଛନ୍ତି । ଟଙ୍କା ଲୁଟ୍ କିମ୍ବା ପୂର୍ବ ଶତ୍ରୁତାକୁ କେଉଁ ଉଦ୍ଦେଶ୍ୟରେ ବ୍ୟବସାୟୀଙ୍କୁ ଗୁଳିମାଡ଼ ହୋଇଛି ସେନେଇ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି କହିଛନ୍ତି ପୂର୍ବାଞ୍ଚଳ ଡିଆଇଜି ।

## ବେନଗାଁ ପଞ୍ଚାୟତ ସ୍ତରୀୟ ମେମୋରିଆଲ ନକ୍ଆଉଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦଯାପିତ

ଲାଞ୍ଜିଗଡ, (ମହାଭାରତ ) : ଲାଞ୍ଜିଗଡ ବ୍ଲକ ବେନଗାଁ ପଞ୍ଚାୟତ ବଜାର ପଡ଼ା ଖେଳ ପଡିଆ ଠାରେ ନକ୍ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛିକ୍ଷ ବେନଗାଁ ଫ୍ରେଣ୍ଡସ କ୍ଲବ ମିଳିତ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେମୋରିଆଲ ନକ୍ଆଉଟ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ଉଦଯାପନି ଫାଇନାଲ ମ୍ୟାଚରେ କାଣ୍ଡାମା ଓ ବେନଗାଁ ଏମବିସି ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଏହି ମ୍ୟାଚରେ କାଣ୍ଡାମା ପ୍ରଥମେ ବ୍ୟାଟିଙ୍ଗ କରି ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୩ ରନ୍ ସଂଗ୍ରହ କରି ଥିବାବେଳେ ଜବାବରେ ବେନଗାଁ ଏମ ବିସି ଇଲେଭେନ ଦଳ ୧୦.୫ଓଭର ୪ଉଇକେଟ ବିନିମୟରେ ୧୦୪ରନ୍ ସଂଗ୍ରହ କରି ବିଜୟଲାଭ କରିଥିବା ବେଳେ ମଳୟ ରଞ୍ଜନ ସାହୁ ମ୍ୟାନ ଅପଦ ମ୍ୟାଚ ଓ ମ୍ୟାନ ଅପଦ ସିରିଜ ହାତେଇଥିଲେ ସେହିପରି ଶ୍ରେଷ୍ଠ ବୋଲର ଭାବେ ଯାନୀ ମାଝୀ ବିବେଚିତ ହୋଇ ଥିଲେ କ୍ଷଉକ୍ତ ମ୍ୟାଚରେ ହରି ସାହୁ ଓ ସଂଜୀବ ସାହୁ ଖେଳ ପରିଚାଳନା କରିଥିଲେ ଓ ନିତ୍ୟାନନ୍ଦ ସାହୁ ଏବଂ ହୃଷିକେଶ ମାଝୀ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ସ୍କୋର ବୋର୍ଡରେ ଜୟ ମାଝୀ ସହଯୋଗ କରିଥିଲେ।ଏହି ଉଦଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ ଯୋଗଦେଇ ଥିବା ବେଳେ ପାହାଡ ପଦର ସରପଞ୍ଚ ଲକ୍ଷ୍ମଣ ମାଝୀ ସନ୍ମାନନୀତି ଅତିଥି ଭାବେ ଯୋଗ ଦେଇଥିଲେ ସେହିପରି ବିଶ୍ୱନାଥ ପୁର ପଞ୍ଚାୟତ ସମିତି ସଭ୍ୟ ଅଜିତ ପ୍ରଧାନୀ, ରାମତୁ ମାଝୀ, ଅଗସ୍ତି ହରିଜନ, ରାମଚନ୍ଦ୍ର ମାଝୀ, ଦିଲ୍ଲୀପ ହରିଜନ, ସାମ୍ବାଦିକ ତୁଳସୀ ରାମ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରି ଥିବା ବେଳେ ଗତ ଜୁନ ୮ ତାରିଖରେ ଆରମ୍ଭ ହୋଇ ଆଜି ଏହାର ଫାଇନାଲ ମ୍ୟାଚ ଖେଳାଯାଇଥିଲା।ଉଇନର ଦଳକୁ ଟ୍ରଫି ସହ ୨୨ ହଜାର ୨ଶହ ୨୨ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରନର ଦଳକୁ ଟ୍ରଫି ସହ ୧୧ ହଜାର ୧ଶହ ୧୧ ଟଙ୍କା ପ୍ରଦାନ କରାଯାଇଛି।ଏହି ପ୍ରତିଯୋଗିତାକୁ ବେନଗାଁ ପ୍ରେଣ୍ଡସ କ୍ଲବ କ୍ରିକେଟ କମିଟି ପରିଚାଳନା କରିଥିବାବେଳେ ଏଥିରେ ସୁରେଶ ସାହୁ, ମିଳନ ସାହୁ, ପପୁସାହୁ,ବଳିଆ ସାହୁ ସୁଗ୍ରୀବ ମାଝୀ,ମୁକେଶ ସାହୁ,କାଲୁଆ ସାହୁ, ରମେଶ ନାଏକ, ହରିଶ ସାହୁ, ପ୍ରଭାକର ଦୋରା ସମେତ କ୍ରିକେଟ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ୧୦୮ ଦୀପଦାନ



ହିନ୍ଦୋଳ, (ମହାଭାରତ) : ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜନପ୍ରିୟ ଜନନେତା ନବୀନ ପଟ୍ଟନାୟକଙ୍କର ଆଜି ମୁମ୍ବାଇରେ ସ୍ପୋଣ୍ଡାଲାଇସିସ୍ ଆର୍ଥରାଇଟିସ୍ ଅସ୍ତ୍ରୋପଚାର ହୋଇଛି । ଓଡିଶାର କୋଣ ଅନୁକୋଣରେ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା କରାଯାଇଛି ।ସେହିପରି ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ମା ବୁଢ଼ୀ ଠାକୁରାଣୀଙ୍କ ପୀଠ ଏବଂ ସୁକିଆ ବାଉତି ପୀଠରେ ପୂର୍ବତନ ସାଂସଦ ଶ୍ରୀ ମହେଶ ସାହୁଙ୍କ ନେତୃତ୍ୱରେ ବିଜୁ ଜନତାଦଳ ହିନ୍ଦୋଳ ତରଫରୁ ନବୀନ ପଟ୍ଟନାୟକଙ୍କ ସଫଳ ଅସ୍ତ୍ରୋପଚାର ଓ ଆଶୁ ଆରୋଗ୍ୟ କାମନା କରି ୧୦୮ ସାମୂହିକ ଦୀପଦାନ ସହ ପୂଜା ଅର୍ଚ୍ଚନା କରାଯାଇଛି । ଉକ୍ତ ପୂଜା ଅର୍ଚ୍ଚନା କାର୍ଯ୍ୟକ୍ରମରେ ଶ୍ରୀ ସାହୁଙ୍କ ସହ କୁନୁଆ ସରପଞ୍ଚ ବାଉରିବନ୍ଧୁ ସାମଲ, ପୂର୍ବତନ ସମିତି ସଭ୍ୟ ବିଲ୍ଲୀ ବେହେରା, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀ ପ୍ରସାଦ ପଟ୍ଟନାୟକ, ବିଜେଡି ଜିଲ୍ଲା ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ପ୍ରଶାନ୍ତ ଦାସ, ଦୀପୁ ସାମଲଙ୍କ ସହ ବହୁ ବିଜେଡି କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ ।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ପାରାଦୀପ ବିଜେଡି ପକ୍ଷରୁ ମନ୍ଦିରରେ ଦୀପ ଦାନ




ପାରାଦୀପ, (ମହାଭାରତ) : ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ଦଳର ମୁଖ୍ୟ ନବୀନ ପଟନାୟକ ଅସୁସ୍ଥ ହୋଇ ମୁମ୍ବାଇ ସ୍ଥିତ ଏକ ହସ୍ପିଟାଲ ରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ତାଙ୍କର ଆଶୁ ଆରୋଗ୍ୟ କାମନା କରି ପାରାଦୀପ ବିଜୁ ଜନତା ଦଳ ର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ହନୁମାନ ମନ୍ଦିରରେ ୧୦୮ ଦୀପ ଦାନ ସହିତ ହନୁମାନ ଚାଳିଶା ପାଠ କରାଯାଇଥିଲା । ଏଥିରେ ବିଜେଡି ଯୁବ ସଭାପତି ଆଲୋକ ମହାପାତ୍ର,ପାରାଦୀପ ବିଜେଡି ର ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ,କାର୍ଯ୍ୟକାରୀ ସଭାପତି ଉଲ୍ଲାସ ବିଶ୍ୱାଳ,ପାରିଷଦ ଅଜିତ ଷଡଙ୍ଗୀ, ସୁଶାନ୍ତ ଦାସ, ସ୍ୱପ୍ନା ରାଣୀ ଜେନା, କବିତା ସାହୁ, ସରୋଜିନୀ ସାହୁ, ନବକିଶୋର ବେହେରା,ରୁନୁ ପରିଡା, ବନିତା ରାଉତ, ସୌଦାମିନୀ ସାହୁ, ଜିଲ୍ଲା ମହିଳା ଉପସଭାନେତ୍ରୀ ଚପଳା ସ୍ୱାଇଁ, ପାରାଦୀପ ବିଜେଡି ମହିଳା ଉପସଭାନେତ୍ରୀ ନଳିନୀ ପ୍ରଭା ସାହୁ, ନାରୀନେତ୍ରୀ ଭାରତୀ ସାମନ୍ତରାୟ, ରେଖା ପରିଜା,ସତ୍ୟବାଦୀ ସ୍ୱାଇଁ, ଦିବ୍ୟଜ୍ୟୋତି ଲେଙ୍କା,ଆସନ୍ତ ପରିଡା, ବିଭୁତି ମହାରଣା,ରଞ୍ଜନ ସାହୁ,ସମୀର ସାହୁ,ଅନନ୍ତ ଜେନା, ତପନ ନାୟକ, ଚକ୍ରଧର ପରିଡା, ମନୋରଞ୍ଜନ ବାରିକ, କମଳ ଦାସ, ଅଟଳ ପରିଡା, ପପୁନି ପରିଡା,ବାବୁ ମଲିକ,ମନୋଜ ମଣ୍ଡଳ, ସୁବ୍ରତ ବଳ ପ୍ରମୁଖ ଙ୍କ ସମେତ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ହୋଇ ଦଳର ସର୍ବୋଚ୍ଚ ନେତା ନବୀନ ପଟନାୟକ ଙ୍କ ଆଶୁ ଆରୋଗ୍ୟ କାମନା କରି ତାଙ୍କର ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ ନିମନ୍ତେ ପ୍ରାର୍ଥନା କରିଥିଲେ ।

## ଯୋଗ ଦିବସରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଚାରା ଦେଇ ସମ୍ବର୍ଦ୍ଧିତ କଲେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ



ପାରାଦୀପ, (ମହାଭାରତ) : ପାରାଦୀପ ପୌରପାଳିକା ଦ୍ୱାରା ଶନିବାର ପୂର୍ବାହ୍ନରେ ଆୟୋଜିତ ଆନ୍ତର୍ଯ୍ୟାତିୟ ଯୋଗ ଦିବସରେ ଯୋଗଦେବା ପାଇଁ ଆସିଥିବା ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ପାରାଦୀପ ଆଦର୍ଶ ଥାନା ନିକଟସ୍ଥ ପ୍ରେସ ଛକ ଠାରେ ପାରାଦୀପ ର 'କାର୍ଯ୍ୟରତ ସାମ୍ବାଦିକ' ଓ 'ଗ୍ରୀନ ପାରାଦୀପ ଟ୍ରଷ୍ଟ'ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହିତ ତାଙ୍କୁ ଏକ ଚାରା ପ୍ରଦାନ କରାଯାଇଥିଲା କ୍ଷ ଏହି ଅବସରରେ ସାମ୍ବାଦିକ ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ସାମ୍ବାଦିକ ମାନେ ଶିଳ୍ପ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସର ରେ ନିକଟରେ ଥିବା ଦେବ ଚାହା ଦୋକାନ ରେ ପହଞ୍ଚି ସାମ୍ବାଦିକ ମାନଙ୍କ ସମେତ ସେଠାରେ ଉପସ୍ଥିତ ଜନ ସାଧାରଣ ଙ୍କୁ ଚାହା ପିଆଇ ଆପ୍ୟାୟିତ କରିଥିଲେ । ତେବେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସପ୍ତାହ କୁ ଦୁଇଦିନ ପାରାଦୀପ ନିର୍ବାଚନ ମଣ୍ଡଳୀରେ ନିୟମିତ ଜନସମ୍ପର୍କ ରକ୍ଷା କରି ଲୋକଙ୍କ ସୁଖ ଦୁଃଖ ରେ ସାମିଲ ହେବା ତାଙ୍କ ଲୋକପ୍ରିୟତା ବୃଦ୍ଧି ପାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

## ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ଯୋଡା/ବାରିଲ, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡା ସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଔଝଚ) ଏହାର ପ୍ରମୁଖ ସ୍ଥାନଗୁଡ଼ିକ - ବାର୍ବିଲ ପେଲେଟ୍ ପ୍ଲାଣ୍ଟ, କାସିଆ ଲୁହା ଖଣି ଏବଂ ତେନ୍ସା ଲୁହା ଖଣିରେ ଅତ୍ୟନ୍ତ ଉତ୍ସାହ ଏବଂ ଅଂଶଗ୍ରହଣ ସହିତ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି, ଯୋଗ ମାଧ୍ୟମରେ ସ୍ୱାସ୍ଥ୍ୟ, ସୁସ୍ଥତା ଏବଂ ଆନ୍ତରିକ ସମନ୍ୱୟର ଗୁରୁତ୍ୱକୁ ପ୍ରୋତ୍ସାହିତ କରୁଛି।ଏହି ବର୍ଷର ବିଶ୍ୱ ଥିମ୍, 'ଏକ ପୃଥିବୀ ପାଇଁ ଯୋଗ, ଏକ ସ୍ୱାସ୍ଥ୍ୟ' ସହିତ ସମନ୍ୱୟ ରଖି, ଏହି ଉତ୍ସବଗୁଡ଼ିକ ସ୍ଥାୟୀ କଲ୍ୟାଣ, ପ୍ରକୃତି ସହିତ ସମନ୍ୱୟ ଏବଂ ବ୍ୟକ୍ତି ଏବଂ ସମ୍ପ୍ରଦାୟର ସାମଗ୍ରିକ ସ୍ୱାସ୍ଥ୍ୟ ପ୍ରତି ଔଝଚର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।ଏହି ଅବସରରେ, ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ ଲେଖି କୁରୁକ୍ଷେତ୍ରର ମାନ୍ୟବର ସାଂସଦ ଏବଂ ଔଝଚର ଅଧକ୍ଷ ଶ୍ରୀ ନବୀନ ଜିନ୍ଦଲ କହିଛନ୍ତି, 'ଯୋଗ ହେଉଛି ଭାରତର ଅମୂଲ୍ୟ ଉପହାର, ଏହା ହେଉଛି ଶୃଙ୍ଖଳା, ଏହା ହେଉଛି ଭକ୍ତି, ଏବଂ ଏହା ହେଉଛି ଜୀବନଶୈଳୀର ଏକ ଅଂଶ। ଆସନ୍ତୁ ଆମେ ଯୋଗକୁ ଆମର ଜୀବନଶୈଳୀର ଏକ ଅଂଶ କରିବା।'ଉତ୍ସବ ସକାଳ ୬ ଟାରେ ଆରମ୍ଭ ହୋଇଥିଲା, କମ୍ପାନୀର ସୁସ୍ଥତା କାର୍ଯ୍ୟକ୍ରମର ମାର୍ଗଦର୍ଶନରେ କମ୍ପାନୀ ଯୋଗ ପ୍ରଶିକ୍ଷକମାନଙ୍କ ନେତୃତ୍ୱରେ ୟୁନିଟ୍ ?ଗୁଡ଼ିକର ସମ୍ପୃକ୍ତ ଆବାସିକ କଲୋନୀରେ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।ବାର୍ବିଲ୍ ପେଲେଟ୍ ପ୍ଲାଣ୍ଟରେ, ଏହି କାର୍ଯ୍ୟକ୍ରମରେ ୟୁନିଟ୍ ମୁଖ୍ୟ ଶ୍ରୀ ପୁରୁଷୋତମ ଏମ ଡି ଯୋଗ ଦେଇଥିଲେ, ଯିଏ ସକାଳ ଯୋଗ ଅଧିବେଶନରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସହିତ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀମାନେ ଶାରୀରିକ ନମନୀୟତା ବୃଦ୍ଧି କରିବା, ଚାପ ହ୍ରାସ କରିବା ଏବଂ ସାମଗ୍ରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଆସନ ଏବଂ ଶ୍ୱାସକ୍ରିୟା କୌଶଳ ଅଭ୍ୟାସ କରିଥିଲେ।କାସିଆ ଲୁହା ଖଣିରେ, ୟୁନିଟ୍ ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ର ଉତ୍ସବର ନେତୃତ୍ୱ ନେଇଥିଲେ, ଉପସ୍ଥିତ ସମସ୍ତଙ୍କୁ ଯୋଗକୁ ଏକ ଜୀବନଶୈଳୀ ଅଭ୍ୟାସ ଭାବରେ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଅଧିବେଶନରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା।ସେହିପରି, ଟେନସା ଆଇରନ ମାଇନ୍ସରେ, ୟୁନିଟ୍ ମୁଖ୍ୟ ଶ୍ରୀ ରଘୁରାଜ ରଘୁବଂଶୀଙ୍କ ମାର୍ଗଦର୍ଶନରେ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯିଏ ସୁସ୍ଥ ମନ ଏବଂ ଶରୀର ପାଇଁ ନିୟମିତ ଯୋଗ ଅଭ୍ୟାସର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ' ର ପ୍ରକୃତ ଆତ୍ମାରେ ଯୋଗକୁ ଶାରୀରିକ, ମାନସିକ ଏବଂ ଭାବପ୍ରବଣ ସନ୍ତୁଳନ ପାଇଁ ଏକ ଶକ୍ତିଶାଳୀ ଉପକରଣ ଭାବରେ ସ୍ୱୀକୃତି ଦେଇ, ଔଝଚ ଏହାର କର୍ମଚାରୀଙ୍କ ମଧ୍ୟରେ ସୁସ୍ଥତା ଏବଂ ସାମଗ୍ରିକ ସ୍ୱାସ୍ଥ୍ୟକୁ ସମର୍ଥନ କରିଆସୁଛି।

## ଷଣ୍ଢ ଆକ୍ରମଣରେ ୬ଜଣ ଆହତ

ବାଲିପାଟଣା,(ମହାଭାରତ)ପାଗଳ ଷଣ୍ଢ ଆକ୍ରମଣ ରେ ୬ଜଣ ଆହତ। ସୂଚନା ମୁତାବକ ବାଲିପାଟଣା ବ୍ଲକ ଅନ୍ତର୍ଗତ ଗୁଆପୁର ଠାରେ ନିଜ ବାଡ଼ିରେ କାର୍ତ୍ତିକା ଭୋଇ (୭୦) ବାଇଗଣ ତୋଳୁଥିବା ସମୟରେ ହଠାତ ଷଣ୍ଢଟି ଆସି କାର୍ତ୍ତିକା ଙ୍କୁ ଆକ୍ରମଣ କରିଥିଲା କାର୍ତ୍ତିକା ପାଟି କରିବାରୁ ଗ୍ରାମବାସୀ ଆସି ସେ ଷଣ୍ଢ କୁ ଘଉଡାଇ ଥିଲେ। ଏବଂ ସଙ୍ଗେ ସଙ୍ଗେ କାର୍ତ୍ତିକା କୁ ଚିକିତ୍ସା ନିମନ୍ତେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇଥିଲେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ରେଫର୍ କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା କରିବା ପରେ କାର୍ତ୍ତିକା ଙ୍କର ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ସହ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା କ୍ୟାପିଟାଲ ହସ୍ପିଟାଲର ଡ଼ାକ୍ତର ସୂଚନା ଦେଇଛନ୍ତି। ଏଠାରେ ଲୋକ ମାନଙ୍କ ଅଭିଯୋଗ କ୍ରମେ ଷଣ୍ଢଟି ୧ବର୍ଷ ହେବ ପାଗଳ ହେଇଯାଉଛି। ୧ବର୍ଷ ମଧ୍ୟରେ ଆଜିକୁ ମିଶେଇ ୭ଜଣ ରୁ ଉର୍ଦ୍ଧ ଲୋକଙ୍କୁ ଆକ୍ରମଣ କରି ଗୁରୁତର କରିଛି। ବନ ବିଭାଗ ପାଖରେ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା ଏଟା ଆମ କାମ ନୁହେଁ ତମେ ବିଏମ୍ସି କୁ କୁହ କହି ସିଧା ସିଧା ମନା କରି ଦେଉଛନ୍ତି। ଯାହାକୁ ନେଇ ସାରା ଅଞ୍ଚଳରେ ଏକ ପ୍ରକାର ଅସନ୍ତୋଷ ଦେଖା ଦେଇଛି। ଏଠି ପ୍ରଶ୍ନ ଉଠୁଛି ଯଦି ବନ ବିଭାଗ ପାଗଳ ଷଣ୍ଢ କୁ କାବୁକୁ ନ ନେବ ତେବେ ନେବ କିଏ .? ୧ବର୍ଷ ହେଲାଣି ଏଯାଏଁ କଣପାଇଁ ଧରା ହେଇନି ଷଣ୍ଢ. ? ସାଧାରଣ ଲୋକଙ୍କ ଜୀବନ ସହ ଖେଳା ଯାଉଛି କି.? ନାଁ ବଡ଼ ବିପଦ କୁ ଅପେକ୍ଷା କରିଛି ବନବିଭାଗ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛ।

## ଭାରତୀୟ କିଷାନ ସଂଘର ବ୍ଲକ୍ ସ୍ତରୀୟ କମିଟି ଗଠନ



ବଲାଙ୍ଗିର(ମହାଭାରତ): ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକର ସଇଁତଳା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଆଜି ଭାରତୀୟ କିଷାନ ସଂଘର ଏକ ବୈଠକ ଆୟୋଜନ କରିଥିଲେ ସଂଘ ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୋହନ ଚରଣ ନାଏକ,ଏହି ସଭା ରେ ମୂଖ୍ୟ ଅତିଥି ଭାବରେ ଜିଲ୍ଲା ସଭାପତି ଡ଼ା ଶଶି ଭୂଷଣ ସାହୁ ଉପସ୍ଥିତ ରହି ସଂଘ ର କାର୍ଯ୍ୟାକଳାପ ବିଷୟରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ।୨୧ ଜଣିଆ ବ୍ଲକ୍ କମିଟି ଗଠନ କରାଗଲା, ସର୍ବସମ୍ମତି କ୍ରମେ ସୁଧୀର ପଣ୍ଡା ଙ୍କୁ ବ୍ଲକ ସଭାପତି ରୂପେ ଦାୟିତ୍ୱ ଦିଆଗଲା, ଉପ ସଭାପତି ବିଦୁର କରନ, ସମ୍ପାଦକ ତ୍ରିଲକ୍ଷ ସହୁ ,ସହ ସମ୍ପାଦକ ସନ୍ତୋଷ କୁମାର ଭୋଇ, କୋଷାଧ୍ୟକ୍ଷ ତୁଳସି ପ୍ରସାଦ ସାହୁ, ଯୁବ ପ୍ରମୁଖ ସଞ୍ଜୟ ମଲ୍ଲିକ,ଜୈବିକ ପ୍ରମୁଖ ଭାବଗ୍ରାହୀ ମେଶ୍ୱା,ଓ କାର୍ଯ୍ୟାକାରିଣୀ ସଦସ୍ୟ ରାମେଶ୍ୱର ସହୁ, ଜଳନ୍ଧର ଦାସ, ଭୂପେନ୍ଦ୍ର ବାଗ,ମହେନ୍ଦ୍ର ଚିନ୍ଦା,ଗିରିଧାରୀ ସାହୁ, ତପନ କୁ ବୁଢ଼େକ, ବିଶା ନନ୍ଦ,ଦିଲ୍ଲୀପ ରଣା, ଜନ୍ମଜୟ ଭୋଇ, ଗୌର ବୁଢ଼େକ,ଲବ ପଧାନ,ରଞ୍ଜନ ମହାକୁର ପ୍ରଶାନ୍ତ ମେହେର କୈଳାଶ ବ ନଛୋର୍ କମିଟି ର ସଦସ୍ୟ ଭାବରେ ସମସ୍ତ ଙ୍କ ଉପସ୍ଥିତିରେ ମନୋନୀତ ହେଲେ, ଭାରତୀୟ କିଷାନ ସଂଘ ଜିଲ୍ଲା ସମ୍ପକ୍ଷଦକ ଚନ୍ଦ୍ରଭାନୁ ପଧାନ ସଭା ଆରମ୍ଭ ରୁ ସମସ୍ତ ଜିଲ୍ଲା ଓ ରାଜ୍ୟ ପଦଧିକକ୍ଷରୀ ଙ୍କ ପରିଚୟ ପ୍ରଦାନ କରିଥିଲେ ଓ ପରେ ସମସ୍ତ ଙ୍କୁ ଧନ୍ୟବାଦ ଦେଇ ସଭାସଙ୍ଗ କରିଥିଲେ।

## ଦୁଇ ବାଇକ ମୁହାଁ ମୁହିଁ ଧକ୍କା ଜଣେ ମୃତ ଜଣେ ଗୁରୁତର

ରାଇରଙ୍ଗପୁର(ମହାଭାରତ): ୨୨୦ ନମ୍ବର ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା । ଲାଗ ଲାଗ ୨ ଦିନ ହେଲା ବାଇକ /ବାଇକ୍ ମୁହାଁମୁହିଁ , ଜଣେ ମୃତ ,ଜଣେ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି । ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ କଲେଜ ଛକ ପାଖ ଜାତୀୟ ରାଜପଥ ୨୨୦ ନମ୍ବର ମା ବାଟବଙ୍ଗଳା ଢ଼ାବା ନିକଟରେ ଶନିବାର ରାତିରେ ଦୁଇଟି ବାଇକ୍ ଆମନା ସାମନା ହେବା ଫଳରେ ଉଭୟ ଗାଡ଼ିରେ ଥିବା ଆରୋହୀମାନେ ରାସ୍ତାରେ ଛିଟିକି ପଡ଼ିଥିଲେ ।ରକ୍ତ ଜୁଡୁବୁଡୁ ଅସ୍ଥାରେ ସେମାନଙ୍କୁ ରାଇରଙ୍ଗପୁର ହସପିଟାଲକୁ ଅଣାଯାଇଥିଲା ।ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବାବେଳେ ଜଣେ ଗୁରୁତର ହୋଇଥିଲେ । ମୃତକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତାମୁଡିହା ଧାତକୀ ସାହି ଗ୍ରାମର ବିଷ୍ଣୁ ପାତ୍ର(୨୨) ଏବଂ ଗୁରୁତର ହେଲେ ଭୋଳାବେଡା ଗ୍ରାମର ଗଣେଶ ସିଂ (୧୯)।ରାଇରଙ୍ଗପୁର ଟାଉନପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।ଅନ୍ୟ ବାଇକର ଚାଳକ ଏବଂ ଆରୋହୀ ଦୁର୍ଘଟଣା ଘଟାଇ ଅନ୍ଧାରୀ ମୁଲାକାର ସୁଯୋଗ ନେଇ ଦୃତ ଗତିରେ ଖସି ପଳାଇଛନ୍ତି ।ରାଇରଙ୍ଗପୁର କଲେଜ ଛକ କିଛି ଦୂରରେ ନୋ ଏଣ୍ଟ୍ରି ପଏଣ୍ଟ ଥିବା ସହ ଲୌହ ବୋଝେଇ ଭାରିଯାନ ଟ୍ରକ ଛିଡ଼ା ହୋଇଥିବା ଏବଂ ଅନ୍ଧାର ଇଲାକା ଥିବାରୁ ବାଇକ ଚାଳକମାନେ ଦୃତ ଗତିରେ ଆସି ଭାରସାମ୍ୟ ହରାଇ ହେଉ ଅବା ଗାଡ଼ି ଓଭରଟେକ ଘଟଣା ନେଇ ବର୍ଷକରେ ୩/୪ ଟି ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ବରଣ କରୁଛନ୍ତି।ଶୁକ୍ରବାର ଦିନ ମଧ୍ୟ ଏହି ରାସ୍ତାରେ ବାଇକ / ବାଇକ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିଲା ।ତେଣୁ ନୋ ଏଣ୍ଟ୍ରି ପଏଣ୍ଟକୁ ଭାଲୁସା ରାଣୀ ବନ୍ଧ ସେ ପାଖକୁ ସ୍ଥାନାନ୍ତର କରିବା ପାଇଁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

## ଦାଦନ ଖଟିବାକୁ ଯାଇଥିଲେ,ପ୍ରେମ ପ୍ରତାରଣା ନେଇଗଲା ଜୀବନ

ହାଟଡିହି,(ମହାଭାରତ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଶାଳନିଆଁ ଗ୍ରାମର ଜଣେ ଯୁବକ ଦାଦନ ଖଟିବାକୁ ବାଙ୍ଗାଲୋର ଯାଇଥିଲେ । ସେଠାରେ ଥିବା ବେଳେ ପ୍ରେମରେ ଧକ୍କା ପାଇବାରୁ ଶେଷରେ ନିଜ ବସା ଘରେ ରଶି ଲଗାଇ ଗତ ଗୁରୁବାର ରାତି ଆତ୍ମହତ୍ୟା କରିଛନ୍ତି । ସେ ହେଉଛନ୍ତି ଗୟାଧର ମହାକୁଡ଼ଙ୍କ ପୁଅ ତ୍ରିଲୋଚନ(୩୨ ବର୍ଷ) । ସୂଚନାରୁ ଜଣାଯାଇଛି ଯେ ତ୍ରିଲୋଚନ ପ୍ରାୟ ୫ ବର୍ଷ ହେବ ଦାଦନ ଖଟି ପେଟ ପୋଷିବା ପାଇଁ ବାଙ୍ଗାଲୋର ଯାଇ ଏକ କମ୍ପାନୀରେ କାମ କରୁଥିଲେ । ତ୍ରିଲୋଚନ ନିଜ ପରିଚିତ ଅନ୍ୟ କିଛି ଯୁବକଙ୍କ ସହ ଘର ଭଡା ନେଇ ରହୁଥିଲେ । ଅନ୍ୟ ମାନେ କାର୍ଯ୍ୟ କରିବାକୁ କମ୍ପାନୀକୁ ପଳାଇଥିବା ବେଳେ ତ୍ରିଲୋଚନ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ସମ୍ପର୍କୀୟଙ୍କ କହିବା ଅନୁସାରେ ତାଙ୍କର ଜଣେ ଯୁବତୀଙ୍କ ସହ ନିବିଡ଼ ପ୍ରେମ ସମ୍ପର୍କ ଥିଲା । କିନ୍ତୁ ଯୁବତୀଙ୍କ ପ୍ରେମ ପ୍ରତାରଣା ସହି ନପାରି ତ୍ରିଲୋଚନ ଆତ୍ମହତ୍ୟା କରିଥିଲେ । ଯୁବତୀଙ୍କ ଘର ମଧ ହାଟଡିହି ବ୍ଲକ ଅଁରା ପଞ୍ଚାୟତ ଅଧୀନରେ ଅଟେ । ସେଠାକାର ପୋଲିସ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଥିଲା । ପରେ ସମ୍ପର୍କୀୟଙ୍କୁ ମୃତ ଦେହ ହସ୍ତାନ୍ତର କରିଥିଲା । ରବିବାର ଗ୍ରାମରେ ମୃତ ଦେହ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୂର୍ବତନ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ କହିଛନ୍ତି ପ୍ରେମ ପାଇଁ ଏକ ମୂଲ୍ୟବାନ ଜୀବନ ଚାଲିଯିବା ଅତି ଦୁଃଖର ବିଷୟ ଅଟେ। ଏଥିପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଜରୁରୀ ଅଟେ । ଓକିଲ ଭଗବାନ ମଲିକ କହିଛନ୍ତି ଯେ ଯୁବକ ଜଣକ ଆତ୍ମହତ୍ୟା କରିବା ପଛର କାରଣ ମାନସିକ ନିର୍ଯ୍ୟାତନା ଏବଂ ଆତ୍ମହତ୍ୟା ପାଇଁ ଉସକାଇବା ହୋଇଥାଇ ପାରେ । ତେଣୁ ଯୁବକଙ୍କ ମୋବାଇଲର କଲ ରେକର୍ଡ ଯାଞ୍ଚ କରାଯାଇ ପ୍ରେମ ସମ୍ପର୍କ ସୃଷ୍ଟି କରିଥିବା ଯୁବତୀଙ୍କୁ ଠାବ କରି ସ୍ଥାନୀୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏ.ଏନ. ଓ କ୍ୟାପଟେନ୍ ତଥା ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ଅନୀତା କୁମାରୀ ପାଢୀଙ୍କ ତ□ାବଧାନରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରୀମାନଙ୍କୁ ନେଇ ଯୋଗ ଦିବସ ଅନୁଷ୍ଠିତ ହୋଇଛି ।ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ଯୋଗ ଶିକ୍ଷା ଦିଆଯିବା ସହ ଯୋଗ କରିବା ଦ୍ୱାରା ଶରୀରରେ କଣ ଉପକାର ହୁଏ ତାହା ଉପରେ ବୁଝାଇ ଥିଲେ।

## ଗୋପବନ୍ଧୁ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା ପ୍ରଥମ ସ୍ଥାନ ଅଧିକାର କଲେ ସୁକାନ୍ତ

ଗଣିଆ (ମହାଭାରତ) ପରମ ପୂଜ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ୯୭ ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଗଣିଆ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ରବିବାର ଦିନ ପୂର୍ବାହ୍ନ ସମୟରେ ବାକ୍ତୃତ୍ୱା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଗଣିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ରାଉତରାୟ ଯୋଗଦେଇଥିବା ବେଳେ ସମ୍ମାନୀତ ଭାବେ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ଗଣିଆ ର ପ୍ରଧାନ ଶିକ୍ଷୟତ୍ରୀ ନିହାର ବକ୍ଷଳା ରାଉତ, ଆଂଚଳିକ ସାମ୍ବାଦିକ ସଂଘ ସଭାପତି ଅଖିଳ ବିହରୀ ପାଣିଗ୍ରାହୀ ଯୋଗଦାନ କରିଥିଲେ ।ଏହି ବକ୍ତୃତ୍ୱା ପ୍ରତିଯୋଗିତାର ବିଚାରକ ମଣ୍ଡଳୀ ରେ ଡ଼. ରାମ ଚନ୍ଦ୍ର ସାମନ୍ତ ରାୟ ମହାବିଦ୍ୟାଳୟ ଗଣିଆ ର ଅଧ୍ୟାପକ ଜିତେନ୍ କୁମାର ପାଣିଗ୍ରାହୀ ଓ ଶ୍ରୀ ଶ୍ରୀ ରଘୁନାଥ ଜୀଉ ଡ଼ିଗ୍ରୀ ମହାବିଦ୍ୟାଳୟ ର ଓଡ଼ିଆ ଅଧ୍ୟାପକ ଭଗବାନ ପୃଷ୍ଟି ଯୋଗଦାନ କରି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ଥିବା ପ୍ରତିଯୋଗୀ ଙ୍କ ବକ୍ତୃା ର ମାନ ନିର୍ଦ୍ଧାରଣ କରିଥଲେ। ସର୍ବ ପ୍ରଥମେ ସମସ୍ତ ଅତିଥି ମାନଙ୍କ ଦ୍ୱାରା ମହାପ୍ରଭୂ ଜଗନ୍ନାଥ ଓ ପରମ ପୂଜ୍ୟ ଗୋପବନ୍ଧୁ ଦାସ ଙ୍କ ନିକଟରେ ପୁଷ୍ପମାଲ୍ୟ ଓ ଦୀପଦାନ କରାଯାଉଥିଲା ।ଏଥି ସହିତ ସମାଜ ଖବର କାଗଜ ର ସଂପାଦକ ତଥା ଲୋକ ସେବକ ମଣ୍ଡଳ ର ରାଷ୍ଟ୍ରୀୟ ସମ୍ପାଦକ , ସମାଜସେବୀ, ଶିକ୍ଷାବିତ୍ ନିରଞ୍ଜନ ରଥ ଙ୍କ ଅମର ଆତ୍ମା ର ସ୍ୱ ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଗଣିଆ ବ୍ଲକର ଆଠଗୋଟି ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଆଠ ଜଣ ଛାତ୍ର ଛାତ୍ରୀ ପ୍ରତିଯୋଗିତା ରେ ଯୋଗଦାନ ଦେଇଥିଲେ । ଛାତ୍ର ଛାତ୍ରୀ ମାନେ ଗୋପବନ୍ଧୁ ଙ୍କ ସ୍ୱପ୍ନର ଓଡ଼ିଶା ବିଷୟ ବସ୍ତୁ ଉପରେ ଆଧାରିତ ପ୍ରସଙ୍ଗ ନେଇ ବକ୍ତୃତ୍ୱକ୍ଷ ପ୍ରଦାନ କରିଥଲେ ।ସେମାନଙ୍କ ମଧ୍ୟରୁ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ର ଛାତ୍ର ସୁକାନ୍ତ ଜେନା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପଦ୍ମନାଭ ଉଚ୍ଚ ବିଦ୍ୟାଳୟ ଆଡକଟକ୍ଷର ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ମାଳତିପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଛାତ୍ର ବିବେକାନନ୍ଦ ମହାଖୁଡ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ଭବ୍ୟ ଉତ୍ସବ ରେ ପ୍ରତିଯୋଗୀ ମାନଙ୍କୁ ମାନପତ୍ର, ଅର୍ଥରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲେ । ସମାଜ ପ୍ରତିନିଧି ବ୍ରଜ ବନ୍ଧୁ ଦେହୁରୀ ଭବ୍ୟ ସଭା ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଆସିକା ଗ୍ରସ୍ତ ପୂର୍ବରୁ ପ୍ରସ୍ତୁତି ଅନୁଧ୍ୟାନ କଲେ ସମସ୍ତ ଅଧିକାରୀ



ଆସିକା (ମହାଭାରତ):ଆସନ୍ତା କାଲି ଗଞ୍ଜାମ ଜଲ୍ଲା ଆସିକା ଗ୍ରସ୍ତ କରିବେ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ଙ୍କ ଏହି ଗ୍ରସ୍ତ ସମୟରେ ପୂର୍ବ ସୂଚନା ମୁତାବକ ଦିନ ୧୦ ଘଣ୍ଟା ସମୟରେ ଆସିକା ହରିହର ହାଇସ୍କୁଲ ପଡିଆରେ ହେଲିକେପ୍ଟର ରୁ ଓଲ୍‌ହାଇ ଆସିକା ର ଅଧିଷ୍ଠାତ୍ରୀ ଦେବୀ ମା ଖମ୍ବେଶ୍ୱରୀ ଙ୍କ ଦର୍ଶନ କରିବା ସହ ଆସିକା କଲେଜ ଛକ ସ୍ଥିତ କଲେଜ ପଡିଆରେ ଆୟୋଜିତ ଯୁବ ଶକ୍ତି ସମାବେଶ ଯୋଗଦେବେ ।ତେଣୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ରହିଥିବା ବେଳେ ପ୍ରସ୍ତୁତି ର ସମୀକ୍ଷା କରିଛନ୍ତି ରାଜ୍ୟ ବାଣିଜ୍ୟ, ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା । ମନ୍ତ୍ରୀ ଆଜି ସଭାସ୍ଥଳ ବୁଲି ଦେଖିବା ସହ ପ୍ରସ୍ତୁତି ନେଇ ବିଭାଗୀୟ ଅଧିକାରୀ ଙ୍କ ସହ ଆଲୋଚନା କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ଏହି ଗ୍ରସ୍ତ ସମୟରେ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ସମାଗମ ହେବ।

## ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ



ଯୋଡ଼ା, (ମହାଭାରତ) ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ସର୍ଭିକାଲ ଆର୍ଥ୍ରାଇଟିସ ଚିକିତ୍ସା ପାଇଁ କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ନବୀନଙ୍କ ଅସୁସ୍ଥତା ନେଇ ସାରା ରାଜ୍ୟରେ ଆଶୁ ଆରୋଗ୍ୟ କାମନା କରାଯାଉଛି। ଏହି ପରିପ୍ରେକ୍ଷୀରେ ଯୋଡା ପୌରପାଳିକା ଅନ୍ତର୍ଗତ କଳାପାହାଡ ସ୍ଥିତ ମା ତାରିଣୀ ମନ୍ଦିରରେ ଯୋଡ଼ା ପୌର ଅଧ୍ୟକ୍ଷ ଡ. ଜଗଦୀଶ ପ୍ରସାଦ ସାହୁଙ୍କ ନେତୃତ୍ୱରେ ରବିବାର ୫ ଟା ସମୟରେ ଶତାଧିକ ମହିଳା ଓ ପୁରୁଷ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପ ଦାନ କରିଛନ୍ତି। ଏହାସହ ମାଙ୍କ ପାଖରେ ପୂଜାର୍ଚ୍ଚନା କରିଛନ୍ତି । ଏଥିରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ତଥା ଯୋଡ଼ା ନଗରର ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ ଯ ମହିଳାମାନେ ହୁଳହୁଳି ପକାଇ ନବୀନଙ୍କ ପାଇଁ ପୂଜା କରିଥିଲେ । ଶୀଘ୍ର ନବୀନ ସୁସ୍ଥ ହୋଇ ପୁଣି ଓଡିଶାକୁ ଆସି ଲୋକଙ୍କ ସେବା ଜାରି ରଖନ୍ତୁ ବୋଲି ସେମାନେ କାମନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଡ଼ା ନଗର ସଭାପତି ଚତୁର୍ଭୁଜ ପଲେଇ, ନିରଞ୍ଜନ ବହିଦାର, ଜିତେନ୍ଦ୍ର ଜୟ ସ୍ୱଲ୍, ମାୟାଧର ପାତ୍ର, ସୁଶାନ୍ତ କୁମାର ବାରିକ, ବାବୁଲାଲ ସାହୁ, ବିଶ୍ ପ୍ରତାପ ବେହେରା, ବାବୁଆ ବାନା,ବରୁଣ ଆପଟ୍ଟ, ପ୍ରମୋଦ କୁମାର ବେହେରା,ସସ୍ମିତା ମହାନ୍ତି, ସୁମିତ୍ରା କାରୁଆ, ସନ୍ଧ୍ୟାରାଣି ନାଏକ, ଝରଣା ସୁର, ମଞ୍ଜୁ ନାଏକ, ସରୋଜିନୀ ଦାସ, ନିରୂପମା ନାଏକ, ରଞ୍ଜିତ ହେମ୍ବ୍ରମ, ଦିପା ନାଏକ, ସବିତା ମହାନ୍ତ, ସବିତା ମଣ୍ଡଳ, ରେନୁ ଗୋପ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମା 'ଙ୍କ ମନ୍ଦିରରେ ପ୍ରେମୀ ଯୁଗଳଙ୍କ ବାହାଘର



ବାଲିପାଟଣା : ( ମହାଭାରତ) ବାଲିପାଟଣା ଥାନା କୁଳନ୍ତିରା ଶାସନ ଅଞ୍ଚଳ ରେ ପରକୀୟା ପ୍ରୀତି ଘଟଣା ସାମ୍ନାକୁ ଆସିଛି ସ୍ୱାମୀ ଘରେ ନ ଥିବା ସମୟରେ ସ୍ତ୍ରୀ ଜଣେ ଦୂର ସମ୍ପର୍କୀୟ ପୁରୁଷ ବନ୍ଧୁଙ୍କୁ ବିଳମ୍ବିତ ରାତିରେ ଘର କୁ ଡାକି ଥିଲେ ଶାଶୁ ଏବଂ ଶଶୁର ବୋହୁ ଘର ଭିତରେ ପୁରୁଷ ପିଲାଙ୍କ ଶବ୍ଦ ଶୁଣି ବାହାରୁ କବାଟ କିଳି ଦେଇଥିଲେ ସେମାନଙ୍କ ମଧ୍ୟରେ ପୂର୍ବରୁ ସମ୍ପର୍କ ରହିଥିବା ପରିବାର ଲୋକେ ଏବଂ ସ୍ୱାମୀ ଅଭିଯୋଗ କରିଛନ୍ତି ଆଜି ପରିବାର ଲୋକ ଏବଂ ଗ୍ରାମବାସୀ ଙ୍କ ଉପସ୍ଥିତିରେ ଦୁଇ ଜଣ ଙ୍କ ବାହାଘର ପରେ ପ୍ରେମୀ ଯୁଗଳ ଙ୍କୁ ପୁଲିସ କୁ ହସ୍ତାନ୍ତର କରାଯାଇଛି । ଘଟଣା ଟି ଆଜି ସ୍ଥାନୀୟ ଅଞ୍ଚଳ ରେ ଚର୍ଚ୍ଚା ର ବିଷୟ ପାଲଟିଛି ସୂଚନା ଅନୁସାରେ କୁଳନ୍ତିରା ଶାସନ ର ନକୁଳ ଭୋଇ ଙ୍କ ପୁଅ ନିରୋଜ କୁମାର ଭୋଇ ଓରଫ ନିରୁଆ ଗତ ୭ ବର୍ଷ ତଳେ ବାଳକାଟୀ ଫାଣ୍ଡି ପ୍ରତାପ ଶାସନ ଗ୍ରାମ ର ସନ୍ତୋଷ କୁମାର ବେହେରାଙ୍କ ଝିଅ ଲିଜା ବେହେରା (୨୪) ଙ୍କ ସହିତ ବୈଦିକ ରୀତିନୀତି ରେ ବାହାଘର ହୋଇଥିଲା ସେମାନଙ୍କ ର ଗୋଟିଏ ୪ ବର୍ଷ ର ପୁଅ ଏବଂ ଦେଢ଼ ବର୍ଷର ଝିଅ ଅଛି। ନିରୁଆ ଏକ ଘରୋଇ କମ୍ପାନୀ ରେ କାମ କରନ୍ତି ସବୁଦିନ ଭଳି ଗତକାଲି ରାତିରେ ନିରୁଆ ଡ୍ୟୁଟି କୁ ଯାଇଥିଲା ବେଳେ ସ୍ତ୍ରୀ ଲିଜା ଭିଙ୍ଗାରପୁର ବେ□ପୁର ର ମନୋଜ କୁମାର ଭୋଇ ( ୩୫ )ଙ୍କୁ ଘରକୁ କୌଣସି କାମ ରେ ଡାକି ଥିଲେ ମନୋଜ ବିଳମ୍ବିତ ରାତିରେ ଲିଜା ଙ୍କ ପାଖକୁ ଲୁଚି ଛପି ବାଡ଼ି ପଟେ ଆସିଥିଲେ ଶାଶୁ ଏବଂ ଶଶୁର ବାହାର କୁ ଉଠିଥିଲେ ଘର ଭିତରେ ୨ ଜଣ ଶବ୍ଦ ଶୁଣି ବାହାର ପଟୁ କବାଟ କିଳି ଦେଇଥିଲେ ପରେ ଲିଜା ଏବଂ ମନୋଜ ଙ୍କ ପରିବାର ଲୋକଙ୍କୁ ଖବର ଦିଆ ଯାଇଥିଲା ଲିଜା ଙ୍କ ସ୍ୱାମୀ ନିରୁଆ ପତ୍ନୀଙ୍କୁ ପାଖରେ ରଖିବାକୁ ରାଜି ହୋଇ ନ ଥିଲେ ପରେ ପରିବାର ଲୋକ ଏବଂ ଗ୍ରାମବାସୀ ଙ୍କ ଉପସ୍ଥିତି ରେ ଗାଁ ର ମଙ୍ଗଳାଙ୍କ ମନ୍ଦିର ରେ ମନୋଜ ମହିଳାଙ୍କ ଲିଜା ଙ୍କ ମଥା ରେ ସିନ୍ଦୁର ପିନ୍ଧାଇ ଥିଲେ ମନୋଜ ମଧ ବିବାହିତ ତାର ପୁଅ ଏବଂ ଝିଅ ଥିବା ଜଣା ପଡିଛି ପ୍ରେମୀ ଯୁଗଳ ଙ୍କୁ ବାଲିପାଟଣା ପୁଲିସ ହେପାଜତ କୁ ନେଇଛି ।ଏହି ଘଟଣାଟି ଏବେ ବାଲିପାଟଣା ରେ ବେଶ୍ ଚର୍ଚ୍ଚା ର ବିଷୟ ହୋଇଛି।

## ଗୋପବନ୍ଧୁ ସ୍ମାରକ ବ୍ଲକ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ଗୋଲାମୁଣ୍ଡା ( ମହାଭାରତ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ ତମ ପବିତ୍ର ଶ୍ରାଦ୍ଧ ଦିବସ ଅବସରରେ ବ୍ଲକସ୍ତରୀୟ 'ସମାଜ ଓଜସ୍ୱିନୀ ଓଡ଼ିଶା-ଗୋପବନ୍ଧୁ ସ୍ମାରକ ବକ୍ତୃତା ପ୍ରତିଯୋଗିତା' ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ସମସ୍ତ ଜିଲ୍ଲାର ପ୍ରତି ବ୍ଲକରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରତିଯୋଗିତାରେ ଅଷ୍ଟମ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୦ ଜଣ ଛାତ୍ର ଛାତ୍ରୀ ବକ୍ତୃତା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ଏବଂ ସେଥି ମଧ୍ୟରୁ ମାନଝରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ର ହେମାନନ୍ଦ ସାହୁ ପ୍ରଥମ ସ୍ଥାନ ଓ ଛାତ୍ରୀ ପ୍ରିୟା ଅଘରିଆ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଗୋଲାମୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶାନ୍ତି ପଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଓ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ଥିଲା।

## ବିଶ୍ୱଯୋଗ ଦିବସ ପାଳନ

ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ମୂଳମନ୍ତ୍ରକୁ ଧ୍ୟେୟ କରି ରାଇଘର ପଂଚାୟତ ସମିତି ତରଫରୁ ରାଇଘର ମିନି ଷ୍ଟାଡିଅମରେ ଠାରେ ଆନ୍ତର୍ଜାତିକ ଯୋଗ ଦିବଶ ସ୍ଥିରୀକୃତ ନିର୍ଦ୍ଦେଶାବଳୀ ଅନୁସାରେ ଆୟୋଜିତ ହୋଇଯାଇଛି । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବରେ ସଂସାଦ ଙ୍କ ପ୍ରତିନିଧି ପ୍ରୀତିସ୍ମିତା ମହାପାତ୍ର ଯୋଗଦାନ କରି ଯୋଗାସନକୁ ଜୀବନର ପରମ ବ୍ରତ ରୂପେ ଗ୍ରହଣ କରିବା ନିମନ୍ତେ ଉପସ୍ଥିତ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଯୋଗ ପରିକ୍ଷକ ସୁଜିତ ହାଲଦାର,ସଂଜିତ ଦାସ ଯୋଗ ସାଧନା ଅଧିବେଶନକୁ ପରିଚାଳନା କରିବା ସହ ସମସ୍ତଙ୍କୁ ଯୋଗ ଶିଖେଇଥିଲେ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ର ଛାତ୍ରୀ, ବ୍ଲକ କର୍ମଚାରୀ, ଶିକ୍ଷକ ମାନେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିଲେ।



## ହିଞ୍ଜିଳିରେ ଗୋପବନ୍ଧୁ ସ୍ମାରକ ବକ୍ତୃତା ପ୍ରତିଯୋଗିତା

# ଓଜି ବରଡ ୧ମ, ସ୍ନେହଲତା ୨ୟ, ନିତୁସ୍ମିତା ୩ୟ



ହିଞ୍ଜିଳିକାଟୁ (ମହାଭାରତ )ହିଞ୍ଜିଳିକାଟୁ ବ୍ଲକରେ ସମାଜ ପକ୍ଷରୁ ଆୟୋଜିତ ବ୍ଲକ ସ୍ତରୀୟ ଗୋପବନ୍ଧୁ ସ୍ମାରକ ବକ୍ତୃତା ପ୍ରତିଯୋଗିତାରେ ଶାସନ ଆମ୍ବଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ଓଜି ବରଡ଼ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ଗଣ୍ଡଳା ଗଣେଶ ବିଦ୍ୟାପୀଠର ୧୦ମ ଶ୍ରେଣୀ ଛାତ୍ରୀ ସ୍ନେହଲତା ସାହୁ ଦ୍ୱିତୀୟ ଓ ହିଞ୍ଜିଳିକାଟୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୯ମ ଶ୍ରେଣୀ ଛାତ୍ରୀ ନିତୁସ୍ମିତା ପାଠୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ହିଞ୍ଜିଳିକାଟୁର ପିଏମଶ୍ରୀ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାକୁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡ଼ା. ଶ୍ରୀକାନ୍ତ ସାହୁ, ସମାଜସେବୀ ଅଜୟ ମହାରଣା, ଆଇନଜୀବୀ ଦ୍ୱିତିକୃଷ୍ଣ ସାବତ, ଗାୟତ୍ରୀ କମ୍ପ୍ୟୁଟର କଲେଜର ଅଧକ୍ଷ ଅଶୋକ ସାହୁ, ନିର୍ଦ୍ଦେଶକ ସସ୍ମିତା ପଟ୍ଟନାୟକ ଉଦଘାଟନ କରିଥିଲେ। ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୨୯ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୁରୁଷୋ□ମପୁର କଲେଜର ପ୍ରାକ୍ତନ ଅଧକ୍ଷ ଅରବିନ୍ଦ ପଣ୍ଡା, ମୋହନା ହିଲଟପ୍ କଲେଜର ଅଧ୍ୟାପକ ଅନିଲ ତ୍ରିପାଠୀ ଓ ପିତଳ ଜୁନିୟର କଲେଜର ଅଧ୍ୟାପକ କେଶବ ଚନ୍ଦ୍ର ଦାସ ବିଚାରକ ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ହିଞ୍ଜିଳିକାଟୁ ପୌର ପରିଷଦ ଅଧକ୍ଷ ସୁବାଷ ଚନ୍ଦ୍ର ପଲେଇ, ଉପାଧକ୍ଷା ସୁଚିତ୍ରା ପଣ୍ଡା, ଜିଲା ପରିଷଦ ସଦସ୍ୟ ପ୍ରୀତି ସାହୁ, ବିଜେପି ନେତା ମାଧବ ଗୌଡ଼, ସନ୍ତୋଷ ପାଣିଗ୍ରାହୀ, ସମାଜସେବୀ ଅଜୟ କୁମାର ମହାରଣା ଓ କିରଣ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଉକ୍ତ ଉତ୍ସବରେ ପୁଣ୍ୟାତ୍ମା ଗୋପବନ୍ଧୁ ଦାସ, ହିଞ୍ଜିଳିକାଟୁର ପୂର୍ବତନ ସମାଜ ପ୍ରତିନିଧି ସ୍ୱର୍ଗତ ନିଳୟ ରଞ୍ଜନ ପଟ୍ଟନାୟକ ଓ ସ୍ୱର୍ଗତ ପ୍ରିୟଦର୍ଶୀ ପଟ୍ଟନାୟକଙ୍କ ଫୋଟୋ ଚିତ୍ରରେ ଅତିଥି ମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ବିୟୋଗରେ ସାମୁହିକ ଶ୍ରଦ୍ଧାଞ୍ଜଳି ବାର୍ତ୍ତା ପାଠ କରାଯାଇଥିଲା। ହିଞ୍ଜିଳିକାଟୁର ସମାଜ ଏଜେଣ୍ଟ ସ୍ୱାଧୀନ ସାବତ ଓ ପ୍ରତିଯୋଗିତାର ବିଚାରକ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର, ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସମାଜ ପ୍ରତିନିଧି ବିନାୟକ ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ସାମ୍ବାଦିକ ରାଜେଶ ସୁବୁଦ୍ଧି, ନୀଳା□ଳ ସାହୁ, ପବିତ୍ର ପାତ୍ର, ସୁମିତ ପାଣିଗ୍ରାହୀ, ବିଦ୍ୟାଧର ପାଣିଗ୍ରାହୀ, ଲଳିତ ମୋହନ ପୋଲାଇ, ଶେଷଦେବ ସାହୁ, ରଜତ ପଟ୍ଟନାୟକ, ହିମାଂଶୁ ବେହେରା, ଶିକ୍ଷକ ଅଖିଳ ପଣ୍ଡା, ବିଭୁତି ପଟ୍ଟନାୟକ, ଯୁବ ସମାଜସେବୀ ଚନ୍ଦନ ପାତ୍ର, ରବୀନ୍ଦ୍ର ବେହେରା, ଅବନିକାନ୍ତ ପଟ୍ଟନାୟକ ଓ ତରୁଣ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୁଦ୍ଧ ପାଇଁ ଅଣ୍ଟା ଭିଡୁଛି ଇରାନ, ଇସ୍ରାଏଲ ଉପରେ ରାତାରାତି କରିଛି ମିସାଇଲ ମାଡ଼



ଆମେରିକାର ଆକ୍ରମଣ ପରେ ପୁଣି ଅଣ୍ଟା ଭାଙ୍ଗି ଛିଡା ହୋଇଛି ଇରାନ । ବର୍ତ୍ତମାନ ଇସ୍ରାଏଲ ଉପରେ ରହିଛି ଇରାନର ନଜର । ଯାହା ନୂଆ ମୋଡ ନେବାରେ ଲାଗିଛି । ଇସ୍ରାଏଲ-ଇରାନ ଯୁଦ୍ଧରେ ହସ୍ତକ୍ଷେପ କରିଛି ଆମେରିକା । ଯାହାର ପ୍ରତିଶୋଧ ନେବାକୁ ଯାଇ ଇରାନ୍ ଆକ୍ରମଣାତ୍ମକ ସାଜିଛି । ରାତାରାତି ଇସ୍ରାଏଲ ଉପରେ ମିସାଇଲ ମାଡ଼ କରିଛି ଇରାନ ।

ସୂଚନାନୁଯାୟୀ, ଆମେରିକା ଅଯଥାରେ ଇରାନ୍-ଇସ୍ରାଏଲ ଯୁଦ୍ଧରେ ପଶିଛି । ଆମେରିକା ଇରାନର ତିନୋଟି ପରମାଣୁ ସ୍ଥାନ – ଫୋର୍ଡୋ, ନାଟାଞ୍ଜ ଏବଂ ଇସଫାହାନ ଉପରେ ଇତିହାସର ସବୁଠାରୁ ସଫଳ ସାମରିକ ଆକ୍ରମଣ କରିଛି । ଟ୍ରମ୍ପ କହିଛନ୍ତି, ‘ଫୋର୍ଡୋ ଚାଲିଗଲା ।’ ଏହା ସହିତ ବାରମ୍ବାର ଚେତାବନୀ ଦେଉଛନ୍ତି ଟ୍ରମ୍ପ । ଏଥିରେ ହିଂସାତ୍ମକ ହୋଇ ଇରାନ ଇସ୍ରାଏଲକୁ ଟାର୍ଗେଟ୍ କରିଛି ।

ଏପଟେ ଇରାନ ଏବେ ପ୍ରତି ଆକ୍ରମଣ ଆରମ୍ଭ କରିଛି । ତେଲ ଅଭିଭକୁ ଟର୍ଗେଟ କରିଛି ଇରାନ୍ । ରାତାରାତି ଇସ୍ରାଏଲ ଉପରେ ମିସାଇଲ ମାଡ଼ କରିଛି ଇରାନ୍ । ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ ଲୋକମାନଙ୍କୁ ସୁରକ୍ଷିତ ରହିବାକୁ କହିଛି । ଏହା ଛଡ଼ା ଏୟାରସ୍ପେସକୁ ମଧ୍ୟ ବନ୍ଦ କରିଛି ଇସ୍ରାଏଲ । ଦୁଇ ଦେଶ ମଧ୍ୟରେ ୯ ଦିନ ଧରି ଯୁଦ୍ଧ ଚାଲୁ ରହିଛି । ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଏପର୍ଯ୍ୟନ୍ତ ଯୁଦ୍ଧବିରତିର କୌଣସି ସୂଚନା ମିଳିନାହିଁ ।

## ପାକିସ୍ତାନରୁ ଡ୍ରୋନ୍ ଯୋଗେ ପଞ୍ଜାବ ଆସୁଛି ତୁର୍କୀ ପିସ୍ତଲ

ଚଣ୍ଡିଗଡ଼ : ପାକିସ୍ତାନରୁ ଡ୍ରୋନ ଯୋଗେ ତୁର୍କୀ ନିର୍ମିତ ପିଏକ୍ସ୫ ପିସ୍ତଲ ପଞ୍ଜାବ ଆସୁଥିବା ଜଣାପଡ଼ିଛି । ଗତ ମେ’ରେ ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘର୍ଷ ଚାଲିଥିଲାବେଳେ ଇସ୍‌ଲାମାବାଦ ଛାଡ଼ିଥିବା ତୁର୍କୀ ଡ୍ରୋନ୍ ?ଗୁଡ଼ିକୁ ଭାରତୀୟ ସେନା ଖସାଇଥିଲା ।

ଚଳିତ ମାସରେ ପାକିସ୍ତାନ ୪ ଥର ଡ୍ରୋନ ଯୋଗେ ପିଏକ୍ସ୫ ପିସ୍ତଲ ଡ୍ରପ୍ ? କରାଇଥିବାବେଳେ ପଞ୍ଜାବ ପୋଲିସ ସେଗୁଡ଼ିକୁ ଜବତ କରିଛି । ତୁର୍କୀର ଟିସାସ୍ ? ଏହି ପିସ୍ତଲଗୁଡ଼ିକର ନିର୍ମାତା । ଗତ ଶନିବାର ଅମୃତସରରୁ ୩ଟି ପିଏକ୍ସ୫ ପିସ୍ତଲ ଜବତ ହୋଇଛି । ପୂର୍ବରୁ ଜିଗାନା ପିତଲ ଜବତ ହୋଇଥିଲା । ପୂର୍ବରୁ ଅମୃତସର କମିଶନରେଟ୍ ? ପୋଲିସ ସ୍ଥାନୀୟ ଅପରେଟରଙ୍କୁ ଗିରଫ କରିବା ସହ ପାକ୍ ? ସମର୍ଥିତ ବାବର ଖାଲ୍ ?ସା ଇଣ୍ଟରନ୍ୟାଶନାଲ (ବିକେଆଇ) ଟେରର ମଡ୍ୟୁଲ୍ ?କୁ ଧ୍ୱଂସ କରିଥିଲା ।

ବ୍ରିଟେନରେ ରହୁଥିବା ଧରମ ସିଂ ଓରଫ ଧରମ ସାନ୍ଧୁ ଏହି ମଡ୍ୟୁଲକୁ ଚଳାଉଥିଲେ । ତାଙ୍କ ନିକଟରୁ ୬ଟି ଅତ୍ୟାଧୁନିକ ବିଦେଶୀ ନିର୍ମିତ ପିସ୍ତଲ ଜବତ ହୋଇଥିଲା । ଗିରଫ ଅଭିଯୁକ୍ତ ଓଁକାର ସିଂ ଓରଫ ନୱାବ ଅମୃତସରର ଜଲାଲୁସ୍ ?ମା ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଥିଲା । ପାକିସ୍ତାନରୁ ସୀମାପାର ଅସ୍ତ୍ର ଚୋରାଚାଲାଣରେ ୪ଟି ୯ ଏମ୍ ?ଏମ୍ ? ଗ୍ଲୋକ୍ ? ପିସ୍ତଲ ଏବଂ ୨ଟି ପଏଣ୍ଟ ୩୦ ବୋ ? ପିଏକ୍ସ୫ ପିସ୍ତଲ ରହିଥିଲା । ଧରମ ସିଂଙ୍କର ପାକିସ୍ତାନୀ ଆତଙ୍କବାଦୀ ହରବିନଦର ସିଂ ଓରଫ ରିଣ୍ଡାଙ୍କ ସହ ଘନିଷ୍ଠ ସମ୍ପର୍କ ରହିଥିବା ଜଣାପଡ଼ିଛି ।

## ବ୍ରାଜିଲରେ ଅଘଟଣ ; ହଟ ଏୟାର ବେଲୁନ ଫାଟି ୮ ମୃତ, ୧୩ ଆହତ



ବ୍ରାଜିଲରୁ ଏକ ବଡ଼ ଅଘଟଣ ସାମ୍ନାକୁ ଆସିଛି । ହଟ ଏୟାର ବେଲୁନ ଫାଟି ୮ ଜଣ ମୃତ୍ୟୁ ହୋଇଥିବା ୧୩ ଜଣ ଆହତ ହୋଇଛନ୍ତି । ପାଇଲଟ ସମେତ ୨୧ ଜଣ ଥିବା ଜଣାପଡିଛି । ବେଲୁନରେ ନିଆଁ ଲାଗିଯିବାରୁ ଆକାଶ ଧୂଆଁମୟ ହୋଇ ଯାଇଛି । ମୃତକଙ୍କ ମଧ୍ୟରେ ଜଣେ ୨୭ ବର୍ଷୀୟ ମହିଳା ରହିଛନ୍ତି । ଯାହାର ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ମାଡିବାରେ ଲାଗିଛି । ସୂଚନାନୁଯାୟୀ, ବେଲୁନଟିରେ ହଠାତ୍ ନିଆଁ ଲାଗିଥିଲା । ଏଥିରେ ଥିବା ଲୋକଙ୍କ ମଧ୍ୟରୁ ୮ ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ୧୩ ଜଣ ଆହତ ହୋଇଥିଲେ । ସୂଚନା ପାଇବା ମାତ୍ରେ ତୁରନ୍ତ ଜରୁରୀକାଳୀନ ସେବା ଆରମ୍ଭ କରାଯାଇଥିଲା । ଏଥି ସହିତ କିଛି ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ଆହତଙ୍କ ଚିକିତ୍ସା ପାଇଁ ହସ୍ପଟାଳ ପଠାଯାଇଥିଲା । କିନ୍ତୁ ସେମାନଙ୍କ ସ୍ୱାସ୍ଥ୍ୟଗତ ଅବସ୍ଥା ସମ୍ପର୍କରେ କେ ?ଣସି ସୂଚନା ଏପର୍ଯ୍ୟନ୍ତ ମିଳି ପାରିନାହିଁ ।

ଅନ୍ୟପଟେ ସାଣ୍ଟା କାଟାରିନା ରାଜ୍ୟପାଳ ଜୋର୍ଗେନୋ ମେଲୋ ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ ମୃତାହତଙ୍କ ସୂଚନା ଦେଇଛନ୍ତି । ସେ କହିଛନ୍ତି, “ଆମର ଦଳ ପରିବାର ଏବଂ ପୀଡିତଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ କରୁଛନ୍ତି । ଆମେ ପରିସ୍ଥିତି ଉପରେ ନଜର ରଖୁଛୁ ।” ଏହା ବ୍ୟତୀତ ଏହି ଦୁର୍ଘଟଣା ଅଞ୍ଚଳରେ ବେଲୁନ୍ ଟୁର୍ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି । ବିଶେଷକରି ଜୁନ୍ ମାସରେ ଆକାଶ ଗତିବିଧି ବୃଦ୍ଧି ପାଇଥାଏ । କର୍ତ୍ତୃପକ୍ଷ ଏହାର ସତ୍ୟ ସତ୍ୟତା ଜାଣିବା ପାଇଁ ମାମଲା ଛାନଭିନ୍ କରୁଛନ୍ତି ।

# ରୁଷିଆ, ଚାଇନାର ନିନ୍ଦା

ମସ୍କୋ/ବେଜିଂ,୨୩।୬: ଇରାନର ୩ଟି ଆଣବିକ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣକୁ ରୁଷିଆ ଦାୟିତ୍ୱହୀନତା କହି କଡ଼ା ନିନ୍ଦା କରିଥିବାବେଳେ ଏହା ଅନ୍ତର୍ଜାତୀୟ ଆଇନ, ଜାତିସଂଘ ଚାର୍ଟର ଏବଂ ଜାତିସଂଘ ସୁରକ୍ଷା ପରିଷଦ ସଂକଳ୍ପନାମାର ଗୁରୁତର ଉଲ୍ଲଂଘନ ବୋଲି କହିଛି । ସେହିପରି ଚାଇନା ମଧ୍ୟ ଆମେରକାର ଏୟାରଷ୍ଟ୍ରାଇକ୍ ?କୁ ଦୃଢ଼ ନିନ୍ଦା କରିବା ସହ ଏହା ଜାତିସଂଘ ଚାର୍ଟରର ଉଲ୍ଲଂଘନ ଓ ପଶ୍ଚିମ ଏସିଆରେ ଉତ୍ତେଜନା ବଢ଼ାଇଥିବା କହିଛି । ଯୁଦ୍ଧରେ ସାମିଲ ଥିବା ଇସ୍ରାଏଲ୍ ? ଏବଂ ଅନ୍ୟ ପକ୍ଷମାନେ ଆଲୋଚନା ଜରିଆରେ ଯଥାଶୀଘ୍ର ସମ୍ଭବ ଯୁଦ୍ଧବିରତି ରାଜିନାମାରେ ପହଞ୍ଚନ୍ତୁ ଏବଂ ନାଗରିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବେଜିଂ ଆହ୍ୱାନ ଦେଇଛି । ଇରାନର ଆଣବିକ କାର୍ଯ୍ୟକ୍ରମକୁ ଧ୍ୱଂସ କରିବା ପାଇଁ ଆମେରିକା ରବିବାର




ଏହାର ଫ ?ର୍ଦୋ, ଇସ୍ ?ଫାହାନ ଏବଂ ନତାଞ୍ଜ ନ୍ୟୁକ୍ଲିୟର ଫାସିଲିଟି ଉପରେ ଜୋ ?ର୍ଦାର ଆକ୍ରମଣ କରିଥିଲା । ଏହି ଆକ୍ରମଣ ପରେ ଇରାନର ନ୍ୟୁକ୍ଲିୟର ଫାସିଲିଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ? କରିଥିଲେ । ଆମେରିକା ସେନା ବହୁତ ସଫଳ ଆକ୍ରମଣ କରିଛନ୍ତି ଏବଂ ଇରାନ ଯଦି ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଆହୁରି ଆକ୍ରମଣ ହେବ ବୋଲି ସେ ଚେତାବନୀ ଦେଇଥିଲେ । ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ସୁରକ୍ଷାରେ ଥିବା ଇରାନର ୩ଟି ଆଣବିକ ସ୍ଥଳ ଉପରେ ଆମେରିକାର ଆକ୍ରମଣକୁ ଚାଇନା ଦୃଢ଼ ନିନ୍ଦ କରିଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି । ଏହା ଜାତିସଂଘ ଚାର୍ଟର ଏବଂ ଅନ୍ତର୍ଜାତୀୟ ଆଇନର ଉଦ୍ଦେଶ୍ୟ ଓ ସିଦ୍ଧାନ୍ତର ଗୁରୁତର ଉଲ୍ଲଂଘନ ଏବଂ ପଶ୍ଚିମ ଏସିଆରେ ଉତ୍ତେଜନା ବଢ଼ାଇଛି । ପଶ୍ଚିମ ଏସିଆରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ବେଜିଂ ଅନ୍ତର୍ଜାତୀୟ ସମୁଦାୟ ସହ କାର୍ଯ୍ୟ କରିବାକୁ ପସ୍ତୁତ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି । ସେହିପରି ରୁଷିଆ ବହିର୍ବ୍ୟାପର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏକ ସାର୍ବଭୌମ ରାଷ୍ଟ୍ରରେ ମିଶାଇଲ୍ ? ଓ ବୋମା ଆକ୍ରମଣ ଦାୟିତ୍ୱହୀନ ନିଷ୍ପତ୍ତି । ଜାତିସଂଘ ସୁରକ୍ଷା ପରିଷଦର ଏକ ସ୍ଥାୟୀ ସଦସ୍ୟ ରାଷ୍ଟ୍ର ଦ୍ୱାରା ଏଭଳି ଆକ୍ରମଣ ବିଶେଷ ଭାବେ ଚିନ୍ତାଜନକ ବୋଲି ଆମେରିକାର ନାଁ ନ ନେଇ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି । ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତିଙ୍କ ସହ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ ?ଙ୍କର ଆଲୋଚନା କରିବାର କୌଣସି ଯୋଜନା ନାହିଁ ବୋଲି କ୍ରେମ୍ ?ଲିନ୍ ? ପକ୍ଷରୁ କୁହାଯାଇଛି ।

# ଖୋଲୁଛି ପହଁଲଗାମ ଆକ୍ରମଣର ପେଡି




ନୂଆଦିଲ୍ଲୀ : ଖୋଲୁଛି ପହଲଗାମ ଆକ୍ରମଣର ଅଡୁଆ ସୂତା । ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଆଜି ଏଥିରେ ଜଡିତ ଦୁଇ ଜଣଙ୍କୁ ଗିରଫ କରିଛି । ଏହି ବ୍ୟକ୍ତି ଦୁଇଜଣ ଆତଙ୍କବାଦୀଙ୍କୁ ରହିବା ପାଇଁ ଘର ଓ ଖାଇବା ପିଇବାର ସମସ୍ତ ସୁବିଧା ଯୋଗାଇ ଦେଇଥିଲେ ବୋଲି ଏନଆଇଏ ପ୍ରକାଶ କରିଛି । ଗିରଫ ବ୍ୟକ୍ତି ଦୁଇଜଣ ହେଲେ ପହଲଗାମ ବାଟକୋଟର ପରଭେଜ ମହମ୍ମଦ ଜୋଥାର ଓ ହିଲପାର୍କର ବସିର ଅହମ୍ମଦ ଜୋଥାର । ଦୁହେଁ ଉକ୍ତ ତିନିଜଣ ଆତଙ୍କବାଦୀଙ୍କ ପରଚୟ ପ୍ରକାଶ କରିଛନ୍ତି ଯେଉଁମାନେ ସେଦିନ ଏହି କାଣ୍ଡ ଘଟାଇଥିଲେ । ଉକ୍ତି ୩ ଜଣ ଆତଙ୍କବାଦୀ ପାକିସ୍ତାନୀ ହୋଇଥିବା ବେଳେ ସେମାନେ ଲସ୍କର-ଇ ତୋଇବାର ବୋଲି ଗିରଫ ବ୍ୟକ୍ତି ଦ୍ୱୟ ଏନଆଇଏକୁ ସୂଚନା ଦେଇଛନ୍ତି । ପରଭେଜ ଓ ବସିର ଜାଣିକରି ଏହି ୩ ଜଣ ଆତଙ୍କବାଦୀଙ୍କୁ ରହିବା ଖାଇବା ସହ ସବୁ ପ୍ରକାର ସହଯୋଗ କରିଥିଲେ ବୋଲି ଏନଆଇଏ ସୂଚନା ଦେଇଛି । ଏନଆଇଏ ଏହି ଦୁଇଜଣଙ୍କୁ ବିଭିନ୍ନ ଦଫାରେ ଗିରଫ କରିବା ସହ ତଦନ୍ତ ଜାରି ରଖିଛି । ପ୍ରକାଶଯୋଗ୍ୟ, ପହଲଗାମ ଆକ୍ରମଣ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା । ଯେଉଁଥିରେ ଆତଙ୍କବାଦୀମାନେ ନିରୀହ ପର୍ଯ୍ୟଟକଙ୍କୁ ସେମାନଙ୍କର ଜାତି ପଚାରି ହତ୍ୟା କରିଥିଲେ ।

# ବିହାରରେ ନିର୍ମାଣ ହେବ ମା’ ସୀତାଙ୍କ ଭବ୍ୟ ମନ୍ଦିର



ପାଟନା : ବିହାରରେ ନିର୍ମାଣ ହେବ ସୀତା ମା’ ଙ୍କ ଭବ୍ୟ ମନ୍ଦିର । ଏମିତି ଘୋଷଣା କରିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ମାତା ସୀତାଙ୍କ ଜନ୍ମସ୍ଥଳୀ ସୀତାମାଢ଼ିରେ ନିର୍ମାଣ ହେବ ଏହି ମନ୍ଦିର । ଅଯୋଧ୍ୟା ଢ଼ାଞ୍ଚାରେ ଏହି ଭବ୍ୟ ମନ୍ଦିର ନିର୍ମାଣ ହେବ । ଏଥିସହ ମନ୍ଦିର ନିକଟବର୍ତ୍ତି ଅଞ୍ଚଳରେ ମଧ୍ୟ ଅନେକ ଧାର୍ମିକ ଓ ସାଂସ୍କୃତିକ ସ୍ଥାନର ବିକାଶ କରାଯିବ । ମନ୍ଦିରର ସମ୍ପୁର୍ଣ୍ଣ ଡିଜାଇନ ପ୍ରସ୍ତୁତ ସରିଛି । ପାରମ୍ପରିକ କଳା ଓ ସ୍ଥାପତ୍ୟ ଶୈଳୀରେ ମନ୍ଦିର ନିର୍ମାଣ କରାଯିବ । ଏହି ମନ୍ଦିର ନିର୍ମାଣ ଦ୍ୱାରା ରାଜ୍ୟରେ . କେବଳ ଧାର୍ମିକ ବିକାଶ ଘଟିବ ନାହିଁ, ଏହା ଦ୍ୱାରା ରୋଜଗାର ସୃଷ୍ଟି ହେବା ସହ ସ୍ଥାନୀୟ ଲୋକଙ୍କ ରୋଜଗାରେ ବୃଦ୍ଧି ଘଟିବ ବୋଲି ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଛନ୍ତି । ମନ୍ଦିରର ଡିଜାଇନ ମଧ୍ୟ ସେୟାର କରିଛନ୍ତି ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ଖୁବ ଶୀଘ୍ର ମନ୍ଦିର ପାଇଁ ଏକ ଟ୍ରଷ୍ଟ ଗଠନ କରାଯିବ । ଟ୍ରଷ୍ଟ ଗଠନ ପରେ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ।

# ଇରାନ ଉପରେ ବି-୨ ବମ୍ବରରୁ ବୋମା ମାଡ଼ କରିଛି ଆମେରିକା

ଜୁନ୍ ୨୨ ବିଳମ୍ବିତ ରାତିର ଘଟଣା । ସମଗ୍ର ବିଶ୍ୱ ନିଶ୍ଚିନ୍ତରେ ଶୋଇଥିବାବେଳେ ପଶ୍ଚିମ ଏସିଆରେ ହୋଇଥିଲା ବଡ଼ ବିସ୍ଫୋରଣ, ??ଯାହା ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଛି । ଇରାନ୍ ଉପରକୁ ଆକ୍ରମଣ କରିଛି ଆମେରିକା । ଇରାନ୍-ଇସ୍ରାଏଲ ଯୁଦ୍ଧରେ ଏଣ୍ଟ୍ରି କରିଛି ଆମେରିକା । ଇରାନର ତିନିଟି ପରମାଣୁ କେନ୍ଦ୍ର ଫରଦୋ, ନାଟାଞ୍ଜ ଓ ଇଶଫାନ ନ୍ୟୁକ୍ଲିଅର ସାଇଟରେ ବୋମା ମାଡ଼ କରିଛି ଆମେରିକା ସେନା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ, ଆମେରିକା ‘ବଙ୍କର୍ ବଷ୍ଟର’ ବୋମା ଦ୍ୱାରା ଇରାନର ତିନୋଟି ଗୁରୁତ୍ୱପୂର୍ଣ୍ଣ ପରମାଣୁ ଘାଟି ଉପରେ ଆକ୍ରମଣ କରିଥିଲା, ଯେଉଁଥିପାଇଁ ଯୁଦ୍ଧ ଅତ୍ୟନ୍ତ ବିପଜ୍ଜନକ ମୋଡ଼ରେ ପହଞ୍ଚିଛି । ତେବେ ଆସନ୍ତୁ ଏହି ‘ବଙ୍କର୍ ବଷ୍ଟର’ ଅସ୍ତ୍ର ବିଷୟରେ ଜାଣିବା ।

ଇରାନ ଉପରେ ଈ-୨ ବମ୍ବରରୁ ବୋମା ମାଡ଼ କରିଛି ଆମେରିକା । କଣ ଏହି ବି-୨ ବୋମ୍ବର । ବି-୨ ସ୍ପିରିଟ୍ ଏକ ଆଧୁନିକ ଫାଇଟର ଜେଟ୍ । ଏହାର ଶକ୍ତି ଏତେ ଅଧିକ ଯେ, ଏହା ୬,୦୦୦ ନଟିକାଲ ବା ୧୧ ହଜାର ୧୧୨ କିଲୋମିଟର



ପର୍ଯ୍ୟନ୍ତ ଆଉ ଥରେ ଇନ୍ଧନ ନଭରି ଉଡ଼ି ପାରିବ । ଏହା ରାଡାରରେ ଦୃଶ୍ୟମାନ ହେବ ନାହିଁ । ଫଳରେ ଶତ୍ରୁ ଉପରେ ହମଲା କରି ଫେରି ଆସି ପାରିବ । ଏହା ପାରମ୍ପରିକ ଓ ପରମାଣୁ ଅସ୍ତ୍ରଶସ୍ତ୍ର ବହନ କରିବାର କ୍ଷମତା ରଖିଛି । ୪୦ ହଜାର ପାଉଣ୍ଡ ବା ୧୮ ହଜାର ୧୪୪ କିଲୋଗ୍ରାମର ଅସ୍ତ୍ରଶସ୍ତ୍ର ନେଇ ଉଡ଼ିପାରିବ । ଏହି ବି-୨ ଫାଇଟର ଜେଟରୁ ଏଇଟ-୫୭ ବଙ୍କର ବଷ୍ଟର ବୋମା ନିକ୍ଷେପ ହୋଇଥିଲା । ଏହାକୁ ଆମେରିକା ପୂର୍ବରୁ କେବେ ବ୍ୟବହାର କରିନଥିଲା । ବଙ୍କର ବଷ୍ଟର ବୋମା ଏଭଳି ଶକ୍ତିଶାଳୀ ଅସ୍ତ୍ର ଯାହା ଭୂଗର୍ଭରେ ଥିବା ଅତ୍ୟନ୍ତ ସୁରକ୍ଷିତ ବଙ୍କରକୁ ଧ୍ୱଂସ କରିପାରିବ । ଇରାନର ନ୍ୟୁକ୍ଲିୟର ସାଇଟ ଉପରେ ୩୦ ହଜାର ପାଉଣ୍ଡ ବା ୧୩ ହଜାର ୬୦୦ କିଲୋଗ୍ରାମ ଓଜନର ବଙ୍କର ବଷ୍ଟର ବୋମା ନିକ୍ଷେପ ହୋଇଥିଲା । ଏହା ୨୦୦ ଫୁଟ ବା ୬୧ ମିଟର ପର୍ଯ୍ୟନ୍ତ ଭୂମି ଭିତରେ ଛିଦ୍ର କରି ବିସ୍ଫୋରଣ କରିପାରେ । ଯାହା ଦ୍ୱାରା ଗଭୀର ସ୍ଥାନଗୁଡ଼ିକ ଉପରେ ଆକ୍ରମଣ କରାଯାଇପାରିବ । ଏହି ବୋମାକୁ କେବଳ ବି-୨ ବମ୍ବର ବହନ କରିବା କ୍ଷମତା ରଖିଛି । ଇରାନ ନ୍ୟୁକ୍ଲିୟର ସାଇଟ ଉପରେ ବଙ୍କର ବଷ୍ଟର ବୋମାରେ ସଫଳ ଆକ୍ରମଣ କରିଛି ଆମେରିକା । ଶନିବାର ରାତିରେ ଆମେରିକୀୟ ବୋମାବର୍ଷଣକାରୀ ବିମାନ ଇରାନର ଫରଦୋ, ନାଟାଞ୍ଜ ଓ ଇଶଫାନ ନ୍ୟୁକ୍ଲିଅର ସାଇଟରେ ଅବସ୍ଥିତ ପରମାଣୁ ଘାଟି ଉପରେ ପ୍ରବଳ ବୋମାମାଡ଼ କରିଥିଲା । ରାଷ୍ଟ୍ରପତି ଟ୍ରମ୍ପ ନିଜେ ଏହି ଆକ୍ରମଣଗୁଡ଼ିକ ବିଷୟରେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି ।

ସେପଟେ ଇରାନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଇସ୍ରାଏଲୀ ଆକ୍ରମଣରେ ଏପର୍ଯ୍ୟନ୍ତ ୪୦୦ ରୁ ଅଧିକ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି, ଯେଉଁଥିରେ ୫୪ ଜଣ ମହିଳା ଏବଂ ଶିଶୁ ଅଛନ୍ତି । ଆହତଙ୍କ ସଂଖ୍ୟା ୩,୦୦୦ ଅତିକ୍ରମ କରିଛି । ଅନେକ ଆବାସିକ ଅଞ୍ଚଳ, ଆପାର୍ଟମେଣ୍ଟ ଏବଂ ସାଧାରଣ ଲୋକଙ୍କ ଉପରେ ପଡ଼ିଛି କ୍ଷେପଣାସ୍ତ୍ର । ଏହା ବ୍ୟତୀତ ଇରାନରେ ଇଣ୍ଟରନେଟ୍ ବ୍ଲାକଆଉଟ୍ ଭଳି ପରିସ୍ଥିତି ସୃଷ୍ଟି ହୋଇଛି, ଯେଉଁଥିପାଇଁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଛି ।

ସେହିପଣି ଶନିବାର ଦିନ ଇରାନ କଡ଼ା ଜବାବ ଦେଇ ଇସ୍ରାଏଲୀ ସହର ହାଇଫା ଏବଂ ବେରଶେଭା ଉପରେ ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ୍ ରେ ଆକ୍ରମଣ କରିଥିଲା । ଗୋଲାନ ହାଇଟ୍ସ ଏବଂ ଉତ୍ତର ଇସ୍ରାଏଲରେ ଲଗାତାର ସାଇରନ୍ ବାଜିଥିଲା । କିନ୍ତୁ ଇସ୍ରାଏଲର ଅତ୍ୟାଧୁନିକ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଇରାନର ଅଧିକାଂଶ ଆକ୍ରମଣକୁ ଆକାଶରେ ହିଁ ନଷ୍ଟ କରିବାରେ ସକ୍ଷମ ହୋଇଥିଲା । ଗତ ସପ୍ତାହରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ସ୍ପଷ୍ଟ ଭାବରେ କହିଥିଲେ ଯେ ଆମେରିକା ଏହି ଯୁଦ୍ଧରେ ସାମିଲ ନାହିଁ । କିନ୍ତୁ ଟ୍ରମ୍ପଙ୍କ ରଣନୀତି ହଠାତ୍ ବଦଳିଯାଇଛି । ଧୀରେ ଧୀରେ ଆକ୍ରମଣାତ୍ମକ ବୟାନବାଜି ପରେ ଆମେରିକା ନିଜେ ଏବେ ଏହି ଲଢ଼େଇରେ ଏଣ୍ଟ୍ରି କରିଛି । ବିଶେଷଜ୍ଞମାନେ କହିଛନ୍ତି ଯେ କେବଳ ଆମେରିକା ପାଖରେ ବଙ୍କର ବଷ୍ଟର ଭଳି ଅସ୍ତ୍ରଶସ୍ତ୍ର ଅଛି ଏବଂ କେବଳ ଆମେରିକା ହିଁ ଇରାନର ମିସାଇଲ୍ ଘାଟିଗୁଡ଼ିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ସକ୍ଷମ ।

ଜୁନ୍ ୧୩ ତାରିଖରେ ଆରମ୍ଭ ହୋଇଥିବା ଏହି ସଂଘର୍ଷ ଏବେ ଧୀରେ ଧୀରେ ବିଶ୍ୱ ସଙ୍କଟର ରୂପ ନେଉଛି । ଆମେରିକାର ସାମରିକ ବାହିନୀ ଯୁଦ୍ଧରେ ସାମିଲ ହେବା ପରେ ଭୟଙ୍କର ରୂପ ନେଉଛି ଯୁଦ୍ଧ । ଏହି ଲଢ଼େଇ କେବଳ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସୀମିତ ନାହିଁ । ପଶ୍ଚିମ ଏସିଆର ଅନେକ ଆରବ ଦେଶ ଚେତାବନୀ ଦେଇଛନ୍ତି ଯେ ଏପରି ଆକ୍ରମଣ ସେମାନଙ୍କ ସୀମାବର୍ତ୍ତୀ ଅଞ୍ଚଳ ପାଇଁ ମଧ୍ୟ ବିପଦ ଆଣିପାରେ । ଇରାନର ପରମାଣୁ ଘାଟି ଉପରେ ଆକ୍ରମଣ ହେବା ଦ୍ୱାରା ସମଗ୍ର ଅଞ୍ଚଳରେ ରେଡିଓଆକ୍ଟିଭ୍ ଲିକେଜ୍ ହେବାର ଆଶଙ୍କା ବୃଦ୍ଧି ପାଇଛି, ଯାହା ମାନବଜାତି ପାଇଁ ଏକ ନୂଆ ବିପଦ ସୃଷ୍ଟି କରୁଛି ।

# ବୁମରାଙ୍କୁ ୫, ଇଂଲଣ୍ଡ ୪୬୫

## ଦ୍ୱିତୀୟ ଇଂନିସରେ ଭାରତ ୯୦/୨, ୯୬ ରନ୍‌ରେ ଅଗ୍ରଣୀ





ଲିଡ୍ସ,୨୨।୬: ଲିଡ୍ସରେ ଖେଳା ଯାଉଥିବା ପ୍ରଥମ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ୪୬୫ ରନରେ ଅଲଆଉଟ୍ ହୋଇଛି। ଯଶପ୍ରୀତ ବୁମରା ପୁଣି ଥରେ ଦମଦାର ବୋଲିଂ କରି ୫ ୱିକେଟ୍ ନେଇ ଇଂଲଣ୍ଡକୁ ଭାରତଠୁ ଅଗ୍ରଣୀ ହେବାକୁ ଦେଇ ନାହାନ୍ତି। ତୃତୀୟ ଦିନରେ ହ୍ୟାରି ବ୍ରୁକ ୯୯ ରନ କରି ଏକ ରନ ପାଇଁ ଶତକରୁ ବଞ୍ଚିତ ହୋଇଛନ୍ତି। ଜେମି ସ୍ମିଥ ୪୦ ରନ ଓ କ୍ରିସ ୱୋକ୍ସ ୩୮ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି।ଭାରତ ୬ ରନରେ ଅଗ୍ରଣୀ ହାସଲ କରିଛି। ପ୍ରସିଦ୍ଧ କୃଷ୍ଣ ୩ଟି ୱିକେଟ୍ ଓ ମହମ୍ମଦ ସିରାଜ ୨ଟି ୱିକେଟ୍ ଅକ୍ତିକାର କରିଛନ୍ତି।ଏହା ପୂର୍ବରୁ ଭାରତ ପ୍ରଥମ ଇନିଂସରେ ୪୭୧ ରନ କରିଥିଲା। ଦ୍ୱିତୀୟ ଇଂନିସରେ ଭାରତ ଜୟସ୍ୱାଲ (୪), ସୁଦର୍ଶନ (୩)ଙ୍କ ୱିକେଟ ହରାଇ ୯୦ ରନ୍ କରିଛି। ଲୋକେଶ ରାହୁଲ ୪୭ ରନ୍ କରି ବ୍ୟାଟିଂ କରୁଛନ୍ତି। ଫଳରେ ଦଳ ୯୬ ରନ୍‌ରେ ଆଗୁଆ ରହିଛି।

ଦ୍ୱିତୀୟ ଦିନର ଅସମାପ୍ତ ଖେଳ ୨୦୯/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା ଇଂଲଣ୍ଡ। କ୍ରିଜରେ ଥିଲେ ଓଲି ଏବଂ ହ୍ୟାରି ବ୍ରୁକ। ଶତକ ହାସଲ କରି କ୍ରିଜରେ ଜମିଥିବା ଓଲି ପପଙ୍କୁ ପ୍ରସିଦ୍ଧ କୃଷ୍ଣା ଅଉଟ୍ କରିଥିଲେ। ପୋପ ୧୩୭ ବଲରୁ ୧୪ ଚୌକା ସହ ୧୦୬ ରନ କରିଥିଲେ। ଏହା ପରେ ହ୍ୟାରି ଓ ଅଧିନାୟକ ବେନ ଷ୍ଟୋକ୍ସ ପଞ୍ଚମ ୱିକେଟ୍ ପାଇଁ ୫୧ ରନ ଯୋଡ଼ି ଦଳର ସ୍କୋରକୁ ୨୭୬ ରନରେ ପହଞ୍ଚାଇଥିଲେ। ବେନ ଷ୍ଟୋକ୍ସ(୨୦)ଙ୍କୁ ମହମ୍ମଦ ସିରାଜ ପାଭିଲିୟନର ରାସ୍ତା ଦେଖାଇଥିଲେ। ବ୍ରୁକ ଓ ଜେମି ସ୍ମିଥ ୭୩ ରନ ଯୋଡ଼ିଥିଲେ। ସ୍ମିଥ ୪୦ ରନର ଉପଯୋଗୀ ଇନିଂସ ଖେଳିଛନ୍ତି। ତେବେ କ୍ରିଜରେ ଜମି ରହି ହ୍ୟାରି ବ୍ରୁକ ଦଳର ଇନିଂସକୁ ୪୦୦ ନିକଟତର ପହଞ୍ଚାଇଥିଲେ। ଶତକର ନିକଟତର ହୋଇଥିବା ହ୍ୟାରି ବ୍ରୁକ ୧୧୨ ବଲରୁ ୧୧ ଚୌକା ଓ ୨ ଛକା ସହ ୯୯ ରନରେ ପାଭିଲିୟନ ଫେରିଥିଲେ। ପ୍ରସିଦ୍ଧ କୃଷ୍ଣା ବ୍ରୁକଙ୍କୁ ଆଉଟ୍ କରି ତୃତୀୟ ସଫଳତା ହାସଲ କରିଛନ୍ତି। ତେବେ ନିମ୍ନ କ୍ରମରେ କ୍ରିସ ୱୋକ୍ସ ଓ ବ୍ରିଡନ କର୍ସ ୫୫ ରନ ଯୋଡ଼ି ଭାରତକୁ ବଡ଼ ଅଗ୍ରଣୀ ହେବାକୁ ଦେଇ ନ ଥିଲେ। କର୍ସ(୨୨)ଙ୍କୁ ମହମ୍ମଦ ସିରାଜ ବୋଲ୍ଡ କରିଥିଲେ। କ୍ରିସ୍ ୱୋକ୍ସ ଓ ଜୋଶ ଟଙ୍ଗ ଉଭୟଙ୍କୁ କ୍ଲିନ ବୋଲ୍ଡ କରିଥିଲେ। ବୁମରା କ୍ରିସ ୱୋକ୍ସ ୩୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଇଂଲଣ୍ଡ ୪୬୫ ରନରେ ଅଲଆଉଟ୍ ହୋଇଛି। ବୋଲିଂରେ ବୁମରା ୮୩ ରନ ଦେଇ ୫ଟି ୱିକେଟ୍ ନେଇଛନ୍ତି। ପ୍ରସିଦ୍ଧ କୃଷ୍ଣା ୧୨୮ ରନ ଦେଇ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ହେଁ ୩ଟି ଏବଂ ସିରାଜ ୨ଟି ୱିକେଟ୍ ନେଇଛନ୍ତି।

# ଓଡ଼ିଶା ଚେସ୍‌ରେ ସାତ୍ତ୍ୱିକଙ୍କ ରେକର୍ଡ

## ୯ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ପ୍ରଥମ ଓଡ଼ିଆ ବାଳକ ବିଜେତା



ଭୁବନେଶ୍ୱର, ୨୨।୬(ଏଜେନସି): ବହୁ ବର୍ଷ ପରେ ଓଡ଼ିଶାକୁ ମିଳିଛି ଜାତୀୟ ଚେସ୍ ମୁକୁଟ। ହରିୟାଣାର ଗୁରୁଗ୍ରାମ୍‌ରେ ଶେଷ ହୋଇଥିବା ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାର ଓପନ୍ ବର୍ଗରେ ବିଜେତା ହୋଇଛନ୍ତି। ଭୁବନେଶ୍ୱରର ବିସ୍ମୟ ବାଳକ ସାତ୍ତ୍ୱିକ ସ୍ୱାଇଁ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ ସ୍କୁଲ୍‌ର ଏହି ଛାତ୍ର ପ୍ରତିଯୋଗିତାରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ୧୧ ରାଉଣ୍ଡରୁ ୧୦ ପଏଣ୍ଟ୍ ସହ ଅପ୍ରତିଦ୍ୱନ୍ଦ୍ୱୀ ବିଜେତା ହୋଇଛନ୍ତି। ୧୧ ରାଉଣ୍ଡରୁ ସେ ୯ଟି ସିଧାସଳଖ ବିଜୟ ହାସଲ କରିଥିବାବେଳେ ଦୁଇଟି ରାଉଣ୍ଡ୍ (ଅଷ୍ଟମ ଓ ଦଶମ)ରେ ଗେମ୍ ଡ୍ର ରଖିଥିଲେ ପଞ୍ଜାବର ଆକ୍ରିଶ ଗୁପ୍ତାଙ୍କୁ ହରାଇ ଆରମ୍ଭ କରିଥିବା ଅଭିଯାନ ଶେଷରେ ଅନ୍ତିମ ରାଉଣ୍ଡ୍‌ରେ ମଧ୍ୟପ୍ରଦେଶର ସମୃଦ୍ଧ ଖାରେଙ୍କୁ ହରାଇଥିଲେ ।ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଖେଳାଳି ଭାବେ ପଦାର୍ପଣ କରିଥିବା ସାତ୍ତ୍ୱିକଙ୍କଠାରୁ ପଞ୍ଚମ ରାଉଣ୍ଡ୍‌ରେ ହାରିଥିବା କର୍ଣ୍ଣାଟକର ଅଦ୍ୱିକ ଅଭିନବ କ୍ରିଷ୍ଣା ୯.୫ ପଏଣ୍ଟ୍ ସହ ଉପବିଜେତା ଏବଂ ଶୀର୍ଷମାନ୍ୟତାପ୍ରାପ୍ତ ତେଲେଙ୍ଗାନାର ଅବଦୁଲ୍ଲା ଦିବିଥ ରେଡ୍ଡୀ ୮.୫ ପଏଣ୍ଟ ସହ ତୃତୀୟ ହୋଇଥିଲେ। ଅବଦୁଲାଙ୍କୁ ସାତ୍ତ୍ୱିକ ସପ୍ତମ ରାଉଣ୍ଡ୍‌ରେ ପରାସ୍ତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏଆଇସିଏଫ୍ ଇଭେଣ୍ଟ କମିଟି ମୁଖ୍ୟ ରଂଜନ ମହାନ୍ତି ଯୋଗଦେଇ ଆଉ ଏକ ଓଡ଼ିଆ । ସ୍ୱର୍ଣ୍ଣ ବି ରଖିଥିଲେ।

ସାତ୍ତ୍ୱିକଙ୍କ ସଫଳତା ଓଡ଼ିଶା ଚେସ୍‌ରେ ନୂଆ । ଉନ୍ମାଦନା ଭରିଦେଇଛି ବିଶେଷ କରି ବୟସ ବର୍ଗରେ ଏହା ନୂଆ। ଇନ୍ଧନ ଯୋଗାଇବ ବୋଲି ବିଶ୍ୱାସ ଆସିଛି।

ଓଡ଼ିଶା ଚେସ୍ ଇତିହାସରେ କେବେ କେଣସି ଖେଳାଳି ଜାତୀୟ ୯ ବର୍ଷରୁ ବର୍ଗରେ ବିଜେତା ହୋଇ ନଥିଲେ। ଓଡ଼ିଶାର ଦୁଇ ଆଇଏମ୍ ସିଦ୍ଧାନ୍ତ ମହାପାତ୍ର ଓ ରାକେଶ କୁମାର ଜେନା ଯଥାକ୍ରମେ ୨୦୦୭ ଓ ୨୦୧୦ରେ ଜାତୀୟ ୯ ବର୍ଷରୁ କମ୍ ବର୍ଗରେ ଉପବିଜେତା ହୋଇଥିଲେ। ଅନ୍ୟ ୩ ଜଣ ଖେଳାଳି ସୁମିତ କୁମାର ବାନାର୍ଜୀ (୨୦୦୩), ଉତ୍କଳ ରଂଜନ ସାହୁ (୨୦୦୫), ରୁଦ୍ରାକ୍ଷ ପରିଡ଼ା (୨୦୧୧) ତୃତୀୟ ସ୍ଥାନରେ ରହିଥିଲେ। ଏପରିକି ମହିଳା ବର୍ଗରେ ବି ଏହି ଗୌରବ କେଣସି ଓଡ଼ିଆକୁ ମିଳିନାହିଁ ଦୁଇ ଜଣ ଖେଳାଳି ରତମ୍ଭରା ବିଧାର (୨୦୧୦) ଓ ଅନ୍ୱେଷା ମିଶ୍ର (୨୦୧୧) କେବଳ ଉପ ବିଜେତା ହୋଇପାରିଥିଲେ ସାତ୍ତ୍ୱିକ ଗୁରୁଗ୍ରାମ ଗସ୍ତ ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘର ଜିଲ୍ଲା ଓ ରାଜ୍ୟ ପ୍ରତିଯୋଗିତା ଜିତିଥିଲେ ୨୦୨୩ରେ ରାଜ୍ୟ ୭ ବର୍ଷରୁ କମ୍ ବିଜେତା ଏବଂ ୨୦୨୪ ଓ ୨୦୨୫ରେ ରାଜ୍ୟ ୯ ବର୍ଷରୁ କମ୍ ପ୍ରତିଯୋଗିତା ଜିତି ପ୍ରାଧାନ୍ୟ ବିସ୍ତାର କରିଥିଲେ। ଭୁବନେଶ୍ୱରର କିଙ୍ଗ୍‌ସ ଚେସ୍ ଏକାଡେମିରେ ବିଶ୍ୱଜିତ ରାୟଙ୍କଠାରୁ ଗୋଟି ଚଳନା ଶିଖିଥିବା ସାତ୍ତ୍ୱିକ କିନ୍ତୁ ୨୦୨୪ରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଫିଡେ ବିଶ୍ୱ କପ୍ ୮ ବର୍ଷରୁ କମ୍ ବର୍ଗରେ କାଂସ୍ୟ ଏବଂ ଇଟାଲିରେ ଅନୁଷ୍ଠିତ ଫିଡେ ବିଶ୍ୱ କ୍ୟାଡେଟ୍ ପ୍ରତିଯୋଗିତାର ସମାନ ବୟସ ବର୍ଗରେ ରୌପ୍ୟ ପଦକ ଜିତି ଚର୍ଚ୍ଚାକୁ ଆସିଥିଲେ।

ସାତ୍ତ୍ୱିକଙ୍କୁ ନିଖିଳ ଓଡ଼ିଶା ଚେସ୍ ସଂଘର ସଭାପତି ସ୍ୱୟଂରଂଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଟ୍ଟ, ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସଭାପତି ଶୁଭାଶିଷ ପଟ୍ଟନାୟକ, କିଙ୍ଗ୍ସ ଚେସ୍ ଏକାଡେମିର ପ୍ରଶିକ୍ଷକ ବିଶ୍ୱଜିତ ରାୟ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## କଳିଙ୍ଗ ବ୍ଲାକ ଟାଇଗର୍ସର ପ୍ରଥମ ବିଜୟ

ମୁମ୍ବାଇ,୨୨।୬: ଓଡ଼ିଶାର କଳିଙ୍ଗ ବ୍ଲାକ ଟାଇଗର୍ସ (କେବିଟି) ଚଳିତ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍)ରେ ପ୍ରଥମ ବିଜୟ ହାସଲ କରିଛି। ଖେଳାଯାଇଥିବା ମ୍ୟାଚ୍‌ରେ କଳିଙ୍ଗ ବ୍ଲାକ ଟାଇଗର୍ସ ୧୯-୧୫ ପଏଣ୍ଟରେ ଦିଲ୍ଲୀ ରେଡ୍‌ଜକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଆଶିଷ ସବର, ଲୁକାସ ଲାକାମ୍ପ ଓ କାଇଲ ଟ୍ରେମବ୍ଲେ ଟ୍ରାଇ ସ୍କୋର କରିଥିଲେ। ଦିଲ୍ଲୀ ପକ୍ଷରୁ ପାଟ୍ରିକ ଓକୋଙ୍ଗୋ, ଆଲେଜାଣ୍ଡ୍ରୋ ଲାଫୋର୍ଗା ଓ ଜୋର୍ଡାନ କନରୟ ଟ୍ରାଇ କରିଥିଲେ। ଏହି ବିଜୟ ସତ୍ତ୍ୱେ କେବିଟି ୬ ଦଳ ବିଶିଷ୍ଟ ପ୍ରତିଯୋଗିତାର ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନରେ ରହିଛି। ଅନ୍ୟ ଏକ ମ୍ୟାଚ୍‌ରେ ହାଇଦ୍ରାବାଦ ହିରୋଜ ୨୪-୧୭ ପଏଣ୍ଟରେ ମୁମ୍ବାଇ ଡ୍ରିମର୍ସକୁ ପରାସ୍ତ କରିଛି ସେହିଭଳି ଚେନ୍ନାଇ ବୁଲ୍ସ ୩୧-୨୪ ପଏଣ୍ଟରେ ବେଙ୍ଗାଲୁରୁ ବ୍ରେଭହାଟର୍‌ସକୁ ହରାଇ ଦେଇଛି।

# ନଟିଂହାମଶାୟାର ଡେବ୍ୟୁ କଲେ ଇଶାନ କିଷନ

ନୂଆଦିଲ୍ଲୀ,୨୨।୬: ଭାରତୀୟ ଦଳର ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଷନ ଏବେ ଏକ ନୂତନ ଟିମ୍‌ରୁ ଡେବ୍ୟୁ କରିବାକୁ ଯାଉଛନ୍ତି। ସେ ଆଜିଠୁ ଏକ ଇଂଲଣ୍ଡ ଦଳ ପକ୍ଷରୁ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିଥିଲେ। ସେ ଭାରତ ଏ ଦଳରେ ସାମିଲ ହୋଇଥିଲେ, କିନ୍ତୁ ତାଙ୍କୁ ଇଂଲିସ ଲାୟନ୍ସ ବିପକ୍ଷରେ ଖେଳିବାର ସୁଯୋଗ ମିଳି ନ ଥିଲା। ଟିମ୍ ଇଣ୍ଡିଆର ଏହି ଉଇକେଟକିପର ବ୍ୟାଟ୍ସମ୍ୟାନ ଡିସେମ୍ବର ୨୦୨୩ରୁ ଭାରତୀୟ ଟେଷ୍ଟ ଦଳରୁ ବାହାରେ ଅଛନ୍ତି। ସେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇଥିଲେ, କିନ୍ତୁ ବ୍ୟକ୍ତିଗତ କାରଣରୁ ସେ ଦଳରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲେ ଏବେ ଇଶାନ ନଟିଂହାମଶାୟାର ଦଳରୁ କାଉଣ୍ଟିଂ ଚାମ୍ପିଅନଶିପରେ ତାଙ୍କର ପ୍ରଥମ ମ୍ୟାଚ ଖେଳିବା ପାଇଁ ମଇଦାନକୁ ଓହ୍ଲାଇଛନ୍ତି।

ଇଶାନ କିଷନ କାଉଣ୍ଟିଂ ଚାମ୍ପିଅନଶିପରେ ୟର୍କସାୟାର ବିପକ୍ଷରେ ଖେଳିବେ। ସେ ନଟିଂହାମଶାୟାର ସହିତ ଦୁଇଟି ମ୍ୟାଚ୍ ପାଇଁ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଦକ୍ଷିଣ ଆଫ୍ରିକାର ଉଇକେଟକିପର ବ୍ୟାଟ୍ସମ୍ୟାନ କାଇଲ ଭେରେନେ ଜିମ୍ବାୱେ ସହିତ ଦୁଇ ଟେଷ୍ଟ ସିରିଜ ପାଇଁ ନିଜ ଦେଶ ଯିବା ପରେ ଇଶାନଙ୍କୁ ଏହି ସୁଯୋଗ ମିଳିଛି।




ୟର୍କସାୟାର ବିପକ୍ଷ ମ୍ୟାଚ ଖେଳିବା ପରେ, ଇଶାନ ଜୁନ ୨୯ ରୁ ଟଣ୍ଟନରେ ସମରସେଟ ବିପକ୍ଷ ମ୍ୟାଚରେ ତାଙ୍କର ବ୍ୟାଟିଂ ଦକ୍ଷତା ଦେଖାଇବେ।

ଇଶାନ କିଶାନ କାଉଣ୍ଟି ଚାମ୍ପିଅନସିପରେ ଖେଳିବାକୁ ବହୁତ ଉତ୍ସାହିତ ତାଙ୍କ ଦଳ ୟର୍କସାୟାର ବିପକ୍ଷରେ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ନଟିଂହାମଶାୟାର ଦଳରେ ଯୋଗ ଦେବା ପରେ, ଇଶାନ କହିଛନ୍ତି ଯେ ମୁଁ ଇଂଲଣ୍ଡରେ କାଉଣ୍ଟିଂ କ୍ରିକେଟ ଖେଳିବାର ପ୍ରଥମ ଅଭିଜ୍ଞତା ପାଇଁ ବହୁତ ଉତ୍ସାହିତ ଏବଂ ଏହା ମୋ ପାଇଁ ମୋର ପ୍ରତିଭା ପ୍ରଦର୍ଶନ କରିବାର ଏକ ମହାନ ସୁଯୋଗ। ସେ କହିଛନ୍ତି ଯେ ଇଂଲଣ୍ଡରେ ଖେଳିବାର ଅଭିଜ୍ଞତା ମୋ ପାଇଁ ବହୁତ ଉପଯୋଗୀ ହେବ ସେହି ସମୟରେ, ନଟିଂହାମଶାୟାର ମୁଖ୍ୟ ପ୍ରଶିକ୍ଷକ ପିଟର ମୁର୍ସ କହିଛନ୍ତି ଯେ ଇଶାନ କାଉଣ୍ଟି କ୍ରିକେଟ ଖେଳିବାକୁ ଚାହୁଁଥିଲେ। ଏହି କଥା ତାଙ୍କୁ ପ୍ରଭାବିତ କରିଥିଲା। ସେ ତାଙ୍କର ଲାଲ ବଲ ଖେଳକୁ ଆଗକୁ ନେବାକୁ ଚାହାଁନ୍ତି। ଆମେ ତାଙ୍କୁ ଦଳରେ ସାମିଲ କରି ବହୁତ ଖୁସି। ଇଶାନ କିଶାନଙ୍କ ପୂର୍ବରୁ, ତିଲକ ବର୍ମା ହାମ୍ପଶାୟାର ପାଇଁ, ଋତୁରାଜ ଗାୟକୱାଡ ୟର୍କସାୟାର ପାଇଁ ଏବଂ ଯୁଜବେନ୍ଦ୍ର ଚହଲ ନର୍ଥହାମ୍ପଶାୟାର ପାଇଁ କାଉଣ୍ଟିଂ କ୍ରିକେଟ ଖେଳୁଛନ୍ତି।ଟିମ ଇଣ୍ଡିଆର ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ ଏପର୍ଯ୍ୟନ୍ତ ୫୮ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଛନ୍ତି। ଏଥିରେ ସେ ୮ଟି ଶତକ ଏବଂ ୧୭ଟି ଅର୍ଦ୍ଧଶତକ ସହାୟତାରେ ୩୪୪୭ ରନ କରିଛନ୍ତି। ତାଙ୍କର ଉଇକେଟ ପଛରେ ୧୧୮ଟି କ୍ୟାଚ ଏବଂ ୧୧ଟି ଷ୍ଟମ୍ପିଂ ମଧ୍ୟ ଅଛି। ସେ ଭାରତ ପାଇଁ ଦୁଇଟି ଟେଷ୍ଟ ଖେଳିଛନ୍ତି, ଯାହା ଜୁଲାଇ ୨୦୨୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଥିଲା। ଏଥିରେ ସେ ୭୮ ରନ କରଥିଲେ।

# ସେନା ଦେଶରେ ବୁମରା ପ୍ରଥମ

ମୁମ୍ବାଇ ୨୨।୦୬ : ୱାସିମ୍ ଆକ୍ରାମ୍ ହେଉ କି ୱାକର ୟୁନିସ୍, ଇମ୍ରାନ ଖାନ୍ ହେଉ କି ଜାହିର ଖାନ୍, ନା ଅନୀଲ କୁମ୍ବଲେ ସମସ୍ତ ଦିଗ୍‌ଜ ବୋଲରଙ୍କୁ ପଛରେ ପକାଇ ଜଶପ୍ରୀତ୍ ବୁମ୍‌ରା ରଚିଛନ୍ତି ନୂଆ କୀର୍ତ୍ତିମାନ। ସେନା ( ସାଉଥ ଆଫ୍ରିକା, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ଇଂଲଣ୍ଡ ) ଦେଶରେ ସବୁଠୁ ଅଧିକ ୱିକେଟ୍ ନେବାର ରେକର୍ଡ ନିଜ ନାଁରେ କରିଛନ୍ତି ଏହି ଭାରତୀୟ ଦ୍ରୁତ ବୋଲର ।



ଏକ ରିପୋର୍ଟ ଅନୁଯାୟୀ, ସେନା ଦେଶମାନଙ୍କରେ ସବୁଠୁ ଅଧିକ ୱିକେଟ୍ ନେଇଥିବା ବୋଲରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି ଜଶପ୍ରୀତ୍ ବୁମ୍‌ରା । ତାଙ୍କ ପଛକୁ ୱାସିମ୍ ଆକ୍ରାମ୍ ଏବଂ ଅନୀଲ କୁମ୍ବଲେ ରହିଛନ୍ତି । ସେନା ଦେଶରେ ଜଶପ୍ରୀତ୍ ବୁମ୍‌ରା ୧୪୭ ଟି ୱିକେଟ୍ ନେଇଥିବା ବେଳେ ତାଙ୍କ ପଛକୁ ରହିଛନ୍ତି ପାକିସ୍ତାନର ମହାନ ଦ୍ରୁତ ବୋଲର ତଥା ପୂର୍ବତନ ଅଧିକାନାୟକ ୱାସିମ୍ ଆକ୍ରାମ୍। ଆଉ ଆକ୍ରାମ୍‌ଙ୍କ ପଛକୁ ରହିଛନ୍ତି ଭାରତର ମହାନ ଲେଗ୍ ସ୍ପିନର ତଥା ପୂର୍ବତନ ଅଧିନାୟକ ଅନିଲ୍ କୁମ୍ବଲେ। ସେ ନିଜ କ୍ୟାରିୟରରେ ସେନା ଦେଶରେ କ୍ରିକେଟ୍ ଖେଳି ମୋଟ୍ ୧୪୧ଟି ଓ୍ୱିକେଟ୍ ନେଇଛନ୍ତି। ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚର ପ୍ରଥମ ପାଳିରେ ୫ଟି ଓ୍ୱିକେଟ୍ ନେଇ ଏହି ରେକର୍ଡ କରିଛନ୍ତି ବୁମ୍‌ରା ।

# ବିସିସିଆଇ ଉପରେ ଗୁରୁତର ଅଭିଯୋଗ ଆଣିଲେ ଯୁବରାଜଙ୍କ ପିତା

ନୂଆଦିଲ୍ଲୀ,୧୯।୬: ୨୦୧୧ ବିଶ୍ୱକପ ଜିତିବା ପରେ, ଭାରତୀୟ କ୍ରିକେଟ ଦଳ ପରବର୍ତ୍ତୀ ଦୁଇ ବର୍ଷ ମଧ୍ୟରେ ଏକ ଅଶାନ୍ତ ପରିବର୍ତ୍ତନ ଦେଇ ଗତି କରିଥିଲା ଯେଉଁଠାରେ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ବିଦେଶ ଟେଷ୍ଟ ସିରିଜରେ ୦-୪ ରେ ଦମଦାର ପରାଜୟ ବରଣ କରିଥିଲା। ଏହି ପରାଜୟ ପରେ, ଦଳକୁ ଚାମ୍ପିଅନ କରିଥିବା ଖେଳାଳିମାନଙ୍କୁ ଭାରତୀୟ ଦଳରୁ ବାହାର କରାଯାଇଥିଲା।

ସେତେବେଳେ, ଚୟନକର୍ତ୍ତାମାନେ ଏମଏସ ଧୋନିଙ୍କୁ ଅଧିନାୟକ ପଦରୁ ହଟାଇବା ପାଇଁ ମଧ୍ୟ ନିଷ୍ପତ୍ତି ନେଇଥିଲେ, ଯେଉଁଥିରେ ପୂର୍ବତନ ଭାରତୀୟ ଅଲରାଉଣ୍ଡର ମୋହିନ୍ଦର ଅମରନାଥ ଚୟନ କମିଟିର ପ୍ରମୁଖ ସଦସ୍ୟମାନଙ୍କ ମଧ୍ୟରୁ ଜଣେ ଥିଲେ। ଏବେ, ଏସବୁ ବିଷୟରେ, ପୂର୍ବତନ ଭାରତୀୟ ଷ୍ଟାର କ୍ରିକେଟର ଯୁବରାଜ ସିଂହଙ୍କ ପିତା ଯୋଗରାଜ ସିଂହ ଅମରନାଥଙ୍କ ଚୟନ କମିଟି ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି।

ପ୍ରକୃତରେ, ଇନସାଇଡସ୍ପୋର୍ଟ ସହିତ କଥାବାର୍ତ୍ତା ସମୟରେ, ଯୁବରାଜ ସିଂହଙ୍କ ପିତା ଯୋଗରାଜ ସିଂହ କହିଛନ୍ତି, 'ତୁମେ (ବିସିସିଆଇ ଚୟନକର୍ତ୍ତା) ବିନା କାରଣରେ ଏହି ଖେଳାଳିମାନଙ୍କ କ୍ୟାରିୟର ନଷ୍ଟ କରିଦେଲ। ଗୌତମ ଗମ୍ଭୀର, ଯୁବରାଜ ସିଂହ, ହରଭଜନ ସିଂହ, ଜାହିର ଖାନ, ମହମ୍ମଦ କୈଫ, ଭିଭିଏସ ଲକ୍ଷ୍ମଣ, ରାହୁଲ ଦ୍ରାବିଡଙ୍କ ଭଳି ଖେଳାଳି। ତୁମେ



୨୦୧୧ ପରେ ସେମାନଙ୍କୁ ଛାଡି ଦେଲ।' ଯୋଗରାଜ ଆହୁରି କହିଛନ୍ତି, '୨୦୧୧ ବିଶ୍ୱକପ ପରେ ତୁମେ ଦଳକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଲ। ୭ ଜଣ ଖେଳାଳିଙ୍କ କ୍ୟାରିଅର୍ ବରବାଦ କରି ଦିଆଯାଇଥିଲା। ସେଥିପାଇଁ ଆମେ ସଂଘର୍ଷ କରୁଥିଲୁ।' ସୂଚନାଯୋଗ୍ୟ, ୨୦୧୧ ବିଶ୍ୱକପ ପରେ, ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ବଡ଼ ସିରିଜରେ ଭାରତୀୟ ଦଳର ପରାଜୟ ପରେ, ଗମ୍ଭୀର, ଯୁବରାଜ, ଜାହିର ଏବଂ ହରଭଜନଙ୍କ ଭଳି ଖେଳାଳି ଧୀରେ ଧୀରେ ଜାତୀୟ ଦଳରୁ ବାହାର ହୋଇଗଲେ। ଅନ୍ୟପକ୍ଷରେ, ଦ୍ରାବିଡ ଏବଂ ଲକ୍ଷ୍ମଣ ସେମାନଙ୍କର ଚମତ୍କାର ଟେଷ୍ଟ କ୍ୟାରିଅରକୁ ବିଦାୟ ଦେଇଥିଲେ। ୨୦୧୧ ବିଶ୍ୱକପ ବିଜୟୀ ଦଳର ପ୍ରମୁଖ ସଦସ୍ୟ ହେବା ସତ୍ତ୍ୱେ, ୨୦୧୫ ବିଶ୍ୱକପ ସୁଦ୍ଧା ଗମ୍ଭୀର, ଯୁବରାଜ, ଜାହିର ଏବଂ ହରଭଜନ ସମସ୍ତେ ଏକଦିବସୀୟ ଦଳରୁ ସମ୍ପୂର୍ଣ୍ଣ ଭାବରେ ବାହାର ହୋଇଯାଇଥିଲେ। ଯୋଗରାଜ ସିଂହ ଏସବୁ ପାଇଁ ମୋହିନ୍ଦର ଅମରନାଥଙ୍କୁ ଦାୟୀ କରିଥିଲେ। 'ଯେତେବେଳେ ଏମଏସ ଧୋନି ଅଧିନାୟକ ଥିଲେ। ସେତେବେଳେ ଆମେ ପାଞ୍ଚଟି ସିରିଜ ହାରିଥିଲୁ ଏବଂ ତାଙ୍କୁ କୁହାଯାଉଥିଲା ଯେ ମୋହିନ୍ଦର ଅମରନାଥ ତାଙ୍କ ସ୍ଥାନ ନେବେ, କିନ୍ତୁ ଏହା କରିବାର ଉପାୟ ନଥିବା ସେ କହିଛନ୍ତି।

ପୂର୍ବରୁ, ଅମରନାଥ କହିଥିଲେ ଯେ ସେହି ନିନ୍ଦନୀୟ ପରାଜୟ ପରେ, ଧୋନିଙ୍କୁ ଅଧିନାୟକ ପଦରୁ ହଟାଇବା ପାଇଁ ପ୍ରସ୍ତୁତ ଥିଲା, କିନ୍ତୁ ତତ୍କାଳୀନ ବିସିସିଆଇ ସଭାପତି ଏନ. ଶ୍ରୀନିବାସନ ତାଙ୍କୁ ହଟାଇବା ବନ୍ଦ କରିଦେଇଥିଲେ। 'ଯେତେବେଳେ ଆପଣ ଜଣେ ବ୍ୟକ୍ତିଙ୍କୁ ସମ୍ମାନ କରନ୍ତି, ଆପଣ ପ୍ରଶ୍ନ ପଚାରନ୍ତି ନାହିଁ। କିନ୍ତୁ ମୋର ପ୍ରଶ୍ନ ହେଉଛି, ଯଦି ଆପଣଙ୍କର ଏକ ଚୟନ କମିଟି ଅଛି ଯାହା ଭାରତୀୟ କ୍ରିକେଟ ପାଇଁ ସର୍ବୋତ୍ତମ କ'ଣ ତାହା ଭାବୁଛି, ତେବେ ତାଙ୍କୁ କାହିଁକି ମୁକ୍ତ ହାତ ଦିଆଯିବ ନାହିଁ? ଅମରନାଥ ୧୦୧୨ ମସିହାରେ ଏକ ନ୍ୟୁଜ ଚ୍ୟାନେଲକୁ ଏହା କହିଥିଲେ।

# ଅଡୁଆରେ ସନରାଇଜର୍ସ ହାଇଦ୍ରାବାଦ ମାଲିକାଣୀ କାବ୍ୟା ମାରାନ

ନୂଆଦିଲ୍ଲୀ,୨୨।୬: ଟିମ୍ ସନରାଇଜର୍ସ ହାଇଦ୍ରାବାଦ ସିଇଓ କାବ୍ୟା ମାରନଙ୍କ ବର୍ତ୍ତମାନ ତାଙ୍କ ସମସ୍ୟା ବଢ଼ିପାରେ। ପାରିବାରିକ କଳହ ଗୋଟିଏ କାରଣ ହୋଇଥିବା ବେଳେ ଦକ୍ଷିଣ ଭାରତର ବଡ଼ ମିଡ଼ିଆ। ହାଉସ୍ ସନ୍ ନେଟୱର୍କ ମାଲିକ ତଥା କାବ୍ୟାଙ୍କ ବାପା କଲାନିଧି ମାରନଙ୍କ ଉପରେ ମନି ଲଣ୍ଡରିଂ ଅଭିଯୋଗ ଲାଗିଛି। କଲାନିଧିଙ୍କ ଭାଇ ତଥା ପୂର୍ବତନ ସାଂସଦ ଦୟାନିଧି ମାରନ ଏହି ଅଭିଯୋଗ ଆଣିଛନ୍ତି । ଯାହା ନାଁ କେବଳ ସନ୍ ନେଟୱର୍କ ପାଇଁ ସମସ୍ୟା ବଢ଼ାଇଛି ବରଂ ଆଇପିଏଲ୍ ଟିମ୍ ଏସଆରଏଚ ପାଇଁ ଚିନ୍ତା ବଢ଼ାଇ ଦେଇଛି।ସୂଚନାଯୋଗ୍ୟ, ସନ୍ ନେଟୱର୍କ ସେୟରକୁ ନେଇ ବିବାଦ ଲାଗି ରହିଛି। ୨୦୦୩ ପୂର୍ବରୁ ମାରନ ପରିବାର ଓ କରୁଣାନିଧି ପରିବାର ପାଖରେ କମ୍ପାନୀର ସମାନ ସେୟର ଥିଲା । ହେଲେ ଏହା ପରେ ଏଥିରେ ପରିବର୍ତ୍ତନ ହୋଇଥିଲା। ଅଭିଯୋଗ ହେଉଛି, କମ୍ପାନୀର ଅର୍ଥକୁ ଅପବ୍ୟବହାର କରାଯାଇ ସନ୍ ଡାଇରେକ୍ଟ ଟିଭି, ସନ୍ ପିକଚର୍ସ, ଏଫଏମ ଚ୍ୟାନେଲ ଓ ଆଇପିଏ ଟିମ୍ ଏସଆରଏଚ୍ ପରି କମ୍ପାନୀ ଛିଡ଼ା କରାଯାଇଛି। ଏବେ ଯଦି ୨୦୦୩ର ସେୟର ପାର୍ଟନ ଲାଗୁ କରିବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତି ତେବେ ମାଲିକାନାରେ ପରିବର୍ତ୍ତନ ହୋଇପାରେ। ଯାହାର ପ୍ରଭାବ ଆଇପିଏଲ ଟିମ୍ ସନରାଇଜର୍ସ ହାଇଦ୍ରାବାଦ ଉପରେ ବି ପଡ଼ିପାରେ ।ଏମିତି ସ୍ଥିତିରେ ବିସିସିଆଇକୁ ସମ୍ମୁଖକୁ ଆସିବାକୁ ପଡ଼ିପାରେ । ଏପରିକି ସନ୍ ଟିଭିକୁ ଏସଆରଏଚ ଟିମକୁ ବିକ୍ରି କରିବାକୁ ବି ପଡ଼ିପାରେ ଯଦି ଏମିତି ହେବ ତେବେ ଆଇପିଏଲର ପ୍ରତି ମ୍ୟାଚରେ ନଜରକୁ ଆସୁଥିବା କାବ୍ୟା ମାରନ ଆଗାମୀ ଦିନରେ ମାଲିକ ରହି ନପାରନ୍ତି ଏହି ବିବାଦର ସମାଧାନ ଯଦି ଶୀଘ୍ର ନହେଲା ତେବେ ସନରାଇଜର୍ସ ହାଇଦ୍ରାବାଦ ଟିମ ଓ ପ୍ରଶଂସକଙ୍କ ପାଇଁ ଏହା ଶକ୍ତ ଧକ୍କା ହୋଇପାରେ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ